# ଗାର୍ହସ୍ଥ୍ୟ ଧର୍ମ ଓ ଶ୍ରୀଅରବିନ୍ଦଙ୍କ ଯୋଗ

# ସୂଚନା

ମାନବଜୀବନର ସାର୍ଥକତା ଉପଲବ୍ଧି ନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଯୋଗ ଅପରିହାର୍ଯ୍ୟ । କିନ୍ତୁ ଗାର୍ହସ୍ଥ୍ୟ ଧର୍ମକୁ ଆଶ୍ରୟ କରିଥିବା ମାନବସମାଜର ଅଧିକାଂଶ ବ୍ୟକ୍ତି ପ୍ରତିବାଦ କରନ୍ତି ଯେ ଗୃହସ୍ଥମାନଙ୍କ ପକ୍ଷେ ଜୀବନର ଅସଂଖ୍ୟ ଜଞ୍ଜାଳ ମଧ୍ୟରେ ରହି ଯୋଗ ବା ଅଧ୍ୟାତ୍ମ ସାଧନା ଅସମ୍ଭବ, କେବଳ ସେହି ସଂସାରତ୍ୟାଗୀ ସନ୍ନ୍ୟାସୀମାନେହିଁ ଯୋଗର ସାଧକ । ଏହା ଏକ ଭ୍ରମାତ୍ମକ ଧାରଣା । ଏହି ଭ୍ରମ ଧାରଣା ଦୂର କରିବା ନିମିତ୍ତ ଶ୍ରୀମା ଶ୍ରୀଅରବିନ୍ଦ ମାନବସମାଜ ସମ୍ମୁଖରେ ଆଜି ଏକ ଅଭୂତପୂର୍ବ ଯୁଗୋପଯୋଗୀ ସର୍ବଜନଗ୍ରହଣୀୟ ପୂର୍ଣ୍ଣଯୋଗର ବାସ୍ତବ ଆଦର୍ଶ ଉପସ୍ଥାପନ କରିଛନ୍ତି । ଗାର୍ହସ୍ଥ୍ୟ ଧର୍ମାଶ୍ରୟୀ ପ୍ରତ୍ୟେକ ଶ୍ରେଣୀ – କୃଷକ, ବ୍ୟବସାୟୀ, ବିଭିନ୍ନ କର୍ମଚାରୀ ତଥା ରାଜନୈତିକ ନେତାମାନେ କିପରି ଭାବରେ ନିଜ ନିଜର ପରିସର ମଧ୍ୟରେ ଜୀବନର ଯଥାର୍ଥ ଲକ୍ଷ୍ୟ ପୂରଣ କରିପାରିବେ, ତାହାର ଏକ ସରଳ ସୁନ୍ଦର ଚିତ୍ର ଏହି ପୁସ୍ତିକା ମାଧ୍ୟମରେ ଅଭିଜ୍ଞ ଲେଖକ ଦର୍ଶାଇଛନ୍ତି । କହିବା ଅନାବଶ୍ୟକ, ଗୃହସ୍ଥ ମାତ୍ରେ ଏହି ପୁସ୍ତିକା-ପଠନ ଦ୍ୱାରା ବିଶେଷ ଉପକୃତ ହେବେ ।

– ପ୍ରକାଶକ

## ପ୍ରଥମ ଭାଗ

# ଗାର୍ହସ୍ଥ୍ୟ ଧର୍ମର ମହତ୍ତ୍ୱ

ଗାର୍ହସ୍ଥ୍ୟ ଧର୍ମ ସମସ୍ତ ଧର୍ମର ଭିତ୍ତି, ମୂଳ ଉତ୍ସ, ସୃଷ୍ଟି-ସର୍ଜନା ତଥା ପ୍ରସାରର କାରଣ । ଗାର୍ହସ୍ଥ୍ୟ ଧର୍ମହିଁ ସମସ୍ତ ଧର୍ମକୁ ସମୃଦ୍ଧିଶାଳୀ କରି ତୋଳେ । ଗାର୍ହସ୍ଥ୍ୟ ଧର୍ମର ଉନ୍ନତି ଉପରେହିଁ ସଂସାରର ଉନ୍ନତି ନିର୍ଭର କରେ । ଗୃହସ୍ଥାଶ୍ରମରୁହିଁ ସନ୍ତାନ ଉତ୍ପତ୍ତି ହୁଏ । ଗାର୍ହସ୍ଥ୍ୟ ଧର୍ମ ଶୁଦ୍ଧ, ପବିତ୍ର, ଅବିକୃତ ହେଲେ ସନ୍ତାନର ସୁଚରିତ୍ର, ଉନ୍ନତ ସ୍ୱଭାବ ଗଠିତ ହୁଏ । ସେହି ସନ୍ତାନମାନେ ସମାଜର ଭିନ୍ନ ଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି । ତାଙ୍କରି ଦ୍ୱାରା ସମାଜ, ଦେଶ ଉନ୍ନତ ତଥା ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ହୁଏ । ଗୃହସ୍ଥାଶ୍ରମରୁହିଁ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ସନ୍ନ୍ୟାସାଶ୍ରମ ଉଦ୍ଭବ ହୁଏ ।

ଗୃହସ୍ଥାଶ୍ରମହିଁ ଅନ୍ୟାନ୍ୟ ସମସ୍ତ ଆଶ୍ରମକୁ ପାଳନ ପୋଷଣ କରେ । ଗୃହସ୍ଥାଶ୍ରମର ବ୍ୟକ୍ତି ମୁଣ୍ଡଝାଳ ତୁଣ୍ଡରେ ମାରି ପରିଶ୍ରମ କରେ । ସେହିମାନେ ଶସ୍ୟ ଉତ୍ପାଦନ କରି ଭୋଜନ ଯୋଗାନ୍ତି, କପାଚାଷ କରି ଲୁଗା ବୁଣି ପିନ୍ଧିବାକୁ ଦିଅନ୍ତି, ଧୋବାରୂପେ ଲୁଗା ସଫା କରନ୍ତି, ବାରିକରୂପେ କ୍ଷୌର କରନ୍ତି, କମାର ଓ ବଢ଼େଇରୂପେ ନାନା ବସ୍ତୁ ତିଆରି କରିବାର ଆବଶ୍ୟକ ଦ୍ରବ୍ୟମାନ ଯୋଗାନ୍ତି । ତାଙ୍କରି ପରିଶ୍ରମଯୋଗୁଁ ଆମ୍ଭେମାନେ ସୁନ୍ଦର ରାସ୍ତାରେ ଚାଲୁ, ଦ୍ରୁତଗାମୀ ଯାନରେ ଯାତ୍ରା କରୁ, ଆକାଶରେ ଉଡ଼ିପାରୁ, ଦୂର ଦେଶର ବାର୍ତ୍ତା ଶୁଣିପାରୁ, ଦୂରର ଦୃଶ୍ୟ ଦେଖିପାରୁ । ସଂସାରରେ ଯାହାକିଛି ଉତ୍ତମ, ସୁନ୍ଦର, ବ୍ୟବସ୍ଥିତ, ଶୃଙ୍ଖଳିତ, ସମୃଦ୍ଧିଶାଳୀ, ଐଶ୍ୱର୍ଯ୍ୟଶାଳୀ, ସତ୍ୟ, ନ୍ୟାୟ, ନିଃସ୍ୱାର୍ଥତା ଇତ୍ୟାଦି ଦେଖୁ, ତାହାସବୁ ଗୃହସ୍ଥାଶ୍ରମର ଫଳ । ସଂସାରରେ ଦୁର୍ନୀତି, ଅସତ୍ୟ, ହିଂସା, ସ୍ୱାର୍ଥପରତା, ଦରିଦ୍ରତା ଇତ୍ୟାଦି ଗାର୍ହସ୍ଥ୍ୟ ଧର୍ମର ପତନର କାରଣ ।

ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି କୃଷି, ବାଣିଜ୍ୟ କରନ୍ତି । ଶିକ୍ଷାବିଭାଗରେ ଅଧ୍ୟାପକ ହୁଅନ୍ତି । ବସ୍ତୁ ଉତ୍ପାଦନ ତଥା ନିର୍ମାଣକ୍ଷେତ୍ରରେ କାର୍ଯ୍ୟ କରନ୍ତି । ପୋଲିସ ବିଭାଗରେ ସେହିମାନଙ୍କ କାର୍ଯ୍ୟ । ଅମଲା, ଅଫିସର, ଆଇନଜ୍ଞ, ବୈଜ୍ଞାନିକ, ଶାସକ ଆଦି କର୍ମ ମଧ୍ୟ ତାଙ୍କରି ଦ୍ୱାରା ହୁଏ । ଗାର୍ହସ୍ୟାଶ୍ରମହିଁ କର୍ମର କ୍ଷେତ୍ର । ଗାର୍ହସ୍ଥ୍ୟ ଧର୍ମହିଁ ସମସ୍ତ ଧର୍ମର ମୂଳ । ଗଛମୂଳରେ ଜଳ ଦେବା ଦ୍ୱାରା ଯେପରି ସମସ୍ତ ଗଛଟିକୁ ଖାଦ୍ୟ ମିଳେ, ସେହିପରି ଗାର୍ହସ୍ଥ୍ୟ ଧର୍ମ ଯଥାର୍ଥରୂପେ ଆଚରିତ ହେବା ଦ୍ୱାରା ଅନ୍ୟାନ୍ୟ ସମସ୍ତ ଧର୍ମ ସମୃଦ୍ଧିଶାଳୀ ହୁଏ । ଗାର୍ହସ୍ଥ୍ୟ ଧର୍ମ ତେବେ ଠିକ୍ ଠିକ୍ ପାଳିତ ହୋଇପାରେ ଯେବେ ତା'ର ଆଧାର, ଆଶ୍ରୟ ଅଧ୍ୟାତ୍ମ ସତ୍ୟ ହୁଏ ।

ପିତା ମାତା, ଭାଇ ଭଉଣୀ, ସ୍ତ୍ରୀ, ପୁତ୍ର ସହିତ ସମ୍ବନ୍ଧ ରଖି ବାସ କରିବାର ଅର୍ଥ ଗାର୍ହସ୍ଥ୍ୟ ଜୀବନ । ସମାଜବିହିତ ନିୟମର ଅର୍ଥ ଗାର୍ହସ୍ଥ୍ୟ ଧର୍ମ । ଗାର୍ହସ୍ଥ୍ୟ ଧର୍ମର ପାଳନ ଦ୍ୱାରା ମନୁଷ୍ୟ ନିଜ ଜୀବନର ଲକ୍ଷ୍ୟ ତଥା ଜୀବନର ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଏ । ଧର୍ମ ଜୀବନର ମାନଦଣ୍ଡ, ନିୟାମକ; ଧର୍ମ ପାଳନ ଦ୍ୱାରା ଜୀବନ ଠିକ୍ ମାର୍ଗରେ ଚାଲେ; ଧର୍ମତ୍ୟାଗ, ଅବହେଳା ଅଥବା ପାଳନରେ ତ୍ରୁଟି କରିବା ଦ୍ୱାରା ଜୀବନ ଅବ୍ୟବସ୍ଥିତ, ବିଶୃଙ୍ଖଳିତ ହୁଏ । ବ୍ୟକ୍ତିକୁ ଦୁଃଖ, ଦ୍ୱନ୍ଦ୍ୱ, ଯାତନା, ଅଶାନ୍ତି ଭୋଗ କରିବାକୁ ପଡ଼େ; ସେ ସମାଜରେ ଅସମ୍ମାନିତ ହୁଏ । ଏପରିକି ଅଧିକ ମାତ୍ରାରେ ବ୍ୟକ୍ତି ଧର୍ମତ୍ୟାଗ କଲେ କେବେ କେବେ ଅସାଧାରଣ ମାନସିକ ବ୍ୟଥାଯୋଗୁଁ ଆତ୍ମହତ୍ୟାତୁଲ୍ୟ ଘୋର ପାପରେ ପ୍ରବୃତ୍ତ ହୁଏ । ଯେପରି ମୋଟର ବା ରେଲର ଇଞ୍ଜିନ : ତାକୁ ଯଥାସ୍ଥାନରେ ରଖି ଯଥାବିଧି ବ୍ୟବହାର କରିବା ଦ୍ୱାରା ମନୁଷ୍ୟ ତଥା ବସ୍ତୁକୁ ବିନା ପରିଶ୍ରମରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇ ଦିଏ । କିନ୍ତୁ ବ୍ୟବହାର କରିବାର ଯେଉଁ ନିୟମ ଅର୍ଥାତ୍ ଯେଉଁ ଧର୍ମ, ସେଥିରୁ ବ୍ୟତିକ୍ରମ ହେବା ମାତ୍ରେ ସେହି ରେଲଗାଡ଼ି ମାର୍ଗଭ୍ରଷ୍ଟ ହୋଇ ପଡ଼ିଯାଏ, ହଜାର ହଜାର ବ୍ୟକ୍ତିଙ୍କ ପ୍ରାଣ ଏବଂ ବସ୍ତୁ ନଷ୍ଟ କରେ ।

ଶରୀର-ଧର୍ମ ସମ୍ବନ୍ଧେ ପ୍ରତ୍ୟେକ ବ୍ୟକ୍ତିର ଅଭିଜ୍ଞତା ଥାଏ । ଶରୀର-ଧର୍ମ ହେଉଛି ଜଠରାଗ୍ନିର ଅନୁକୂଳ ତଥା

ନିୟମିତ ଭୋଜନ, ଆବଶ୍ୟକ ଏବଂ ନିୟମିତ ବିଶ୍ରାମ, ବିହିତ ଶାରୀରିକ ପରିଶ୍ରମ ଅଥବା ବ୍ୟାୟାମ । ଏହିସବୁ ଆବଶ୍ୟକ ନିୟମର ଅର୍ଥ ଧର୍ମ । ଉଦରର ଆବଶ୍ୟକତାରୁ ଲାଳସାରେ ଅଧିକ ଭୋଜନ କଲେ ଏବଂ ଆବଶ୍ୟକତାରୁ କମ୍ କିଂବା ବେଶୀ ବିଶ୍ରାମ କଲେ ଅଥବା ଶାରୀରିକ ବଳ ଏକେବାରେ ପ୍ରୟୋଗ ନ କଲେ କିଂବା ଅଧିକ ମାତ୍ରାରେ ପ୍ରୟୋଗ କଲେ ମନୁଷ୍ୟ ବେମାର ପଡ଼େ । ଏପରିକି ଜ୍ୱର ଅବସ୍ଥାରେ ଦହି ଖାଇ ସ୍ନାନ କଲେ ଓ ଆମାଶୟ ରୋଗରେ ଲଙ୍କାମରିଚ, ମିଷ୍ଟାନ୍ନ, ମାଂସ ଭୋଜନ କଲେ ମନୁଷ୍ୟ ମୃତ୍ୟୁକୁ ପ୍ରାପ୍ତ ହୁଏ । ଏହା ହୁଏ ଶାରୀର ଧର୍ମ ନିୟମିତ ରୂପେ ପାଳନ ନ କରି ଅନିୟମିତ ବ୍ୟବହାର କରିବା ଯୋଗୁଁ । ଠିକ୍ ଏହିପରି ମନୁଷ୍ୟଜୀବନର ଧର୍ମ । ମନୁଷ୍ୟ ଧର୍ମଭ୍ରଷ୍ଟ ହେଲେ ନିଜ ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ, ଜୀବନକୁ ଯାତନାମୟ କରି ତୋଳେ । ଧର୍ମ ମନୁଷ୍ୟର ପ୍ରାଣର ପ୍ରିୟ, ଉତ୍ତମ ଗୁରୁ, ପଥପ୍ରଦର୍ଶକ, ହିତ କରିବାରେ ପିତାମାତା, ସାହାଯ୍ୟ କରିବାରେ ନିଃସ୍ୱାର୍ଥପର ମିତ୍ର ସଦୃଶ । ଧର୍ମଭ୍ରଷ୍ଟ ବ୍ୟକ୍ତିର ଜୀବନ ବ୍ୟର୍ଥ, ପଶୁସଦୃଶ ଦୁଃଖଯାତନାମୟ ହୁଏ ।

## ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ଗାର୍ହସ୍ଥ୍ୟ ଧର୍ମ

ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବା ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ କରିବା ହେଲା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ଏ-ବିଷୟ ଶାସ୍ତ୍ରପ୍ରମାଣ, ଯୁକ୍ତିତର୍କ ମାର୍ଗରେ ନ ଯାଇ ସରଳ ତଥା ସ୍ୱାଭାବିକରୂପେ ଦୃଷ୍ଟିଦେଲେ ଦେଖିବା ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖବିହୀନ ପରମାନନ୍ଦ, ପରମ ସୁଖ, ପରମ ଶାନ୍ତି ସ୍ୱରୂପ ଭଗବାନ୍ । ଏହାକୁ ପ୍ରାପ୍ତ କରିବାକୁ ସେ ଏହି ସଂସାରକୁ ଆସିଅଛି । କିନ୍ତୁ ଏହାର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସଚେତନ ନ ହୋଇ ଅଜ୍ଞାନତାରେ ପରମ ସୁଖରୂପ ଲକ୍ଷ୍ୟର ବିକୃତ ରୂପ ସାଂସାରିକ ସୁଖ, ପରିବାର, ଧନ, ମାନ, ଯଶରେ ଚାହୁଁଅଛି । ଯଥାର୍ଥ ଉପାୟ ଏବଂ ଲକ୍ଷ୍ୟ-ଜ୍ଞାନ ନ ଥିଲେ ମଧ ମନୁଷ୍ୟ ଅଜ୍ଞାତରୂପେ ଚାହୁଁଅଛି ସେହି ପରମ ସୁଖକୁ । ଅଜ୍ଞାନ ଶିଶୁ ଯେପରି କ୍ଷୁଧାନିବୃତ୍ତି ଚାହେଁ, କିନ୍ତୁ ତା'ର ଉପାୟ ଭୋଜନ ସମ୍ବନ୍ଧେ ସେ ସଜ୍ଞାନ ନ ଥାଏ, ତଥାପି ଅଜ୍ଞାନରୂପେ ଭୋଜନ ଚାହୁଁଥାଏ । ଠିକ୍ ଅଜ୍ଞାନଶିଶୁ ସଦୃଶ ମନୁଷ୍ୟ ତା'ର ନିଜର ଠିକ୍ ଠିକ୍ ଜ୍ଞାନ ନ ଥାଏ । ସେ ଲକ୍ଷ୍ୟପ୍ରାପ୍ତିର ଉପାୟ ଭଗବତ୍ ସେବା ଭାବରେ କର୍ମ କରେ ନାହିଁ, ପରିଣାମରେ ଦୁଃଖ ପାଏ । ଅତଏବ ସେ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଲକ୍ଷ୍ୟପ୍ରାପ୍ତିର ଉପାୟ ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା ଉଚିତ । ଯଦ୍ୟପି ମନୁଷ୍ୟର ଆଂଶିକ ଲକ୍ଷ୍ୟପ୍ରାପ୍ତିର ଉପାୟ ବହୁ ପ୍ରକାର ସନ୍ନ୍ୟାସ ଧର୍ମ ଅଛି, ତାହା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସୁଲଭ ନୁହେଁ କିଂବା ସେଥିରେ ମନୁଷ୍ୟର ସ୍ୱାଭାବିକ ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ । ସେଥିରେ ସମସ୍ୟାର ସମାଧାନ କିଂବା ସଂସାର ଉନ୍ନତି ମଧ ହୁଏ ନାହିଁ । କାରଣ ମନୁଷ୍ୟ ଚାହେଁ ସମୃଦ୍ଧିଶାଳୀ ସଂସାର, ଉନ୍ନତ କର୍ମ, ଧନସମ୍ପଦପୂର୍ଣ୍ଣ ସୁଖମୟ ପାରିବାରିକ ଜୀବନ । ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଗାର୍ହସ୍ଥ୍ୟ ଧର୍ମ ଠିକ୍ ଠିକ୍ ପାଳନ କରିବାରେ । ଗାର୍ହସ୍ଥ୍ୟ ଧର୍ମ ପାଳନ ମଧ ପ୍ରତ୍ୟେକ ବ୍ୟକ୍ତିପକ୍ଷେ ସୁଲଭ । ଗାର୍ହସ୍ଥ୍ୟ ଧର୍ମ ଅନ୍ତର୍ଗତ କୃଷକଜୀବନ ବିଷୟରେ ଆଲୋଚନା କରିବା ।

## କୃଷକ

କୃଷକ ସରଳ, ନିଷ୍କପଟ, ପରୋପକାରରେ ରତ, ପରିଶ୍ରମୀ, ସ୍ୱାସ୍ଥ୍ୟବାନ୍ । ସେ ସକାଳୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପରିଶ୍ରମ କରେ; ଖରା, ବର୍ଷା ସହେ, ପରିଶ୍ରମ ପରେ ପଖାଳଭାତ, ଶାଗରୁ ଅମୃତର ସ୍ୱାଦ ପାଏ । ସନ୍ଧ୍ୟାରେ ଭାଗବତ ଟୁଙ୍ଗିରେ ପରମାର୍ଥିକ ପୁରାଣ ଶୁଣେ । ବିଛଣାରେ ପଡ଼ିଯିବା ସଙ୍ଗେ ସଙ୍ଗେ ପ୍ରଗାଢ଼ ନିଦ୍ରାରେ ସ୍ୱପ୍ନରାଜ୍ୟରେ ବିଚରଣ କରେ । ଗୋଟିଏ ନିଦରେ ଭୋରରୁ ଉଠେ । ପରିଶ୍ରମଯୋଗୁଁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ କ୍ରିୟାଶୀଳ ହୁଏ; ଅଗ୍ନିମାନ୍ଦ୍ୟ ରୋଗର ଶିକାର ହେବାକୁ ତାକୁ ପଡ଼େ ନାହିଁ । କ୍ଷୁଧା ଅବସ୍ଥାରେ ଭୋଜନ କରିବା ଯୋଗୁଁ ଖାଦ୍ୟବସ୍ତୁ ଠିକ୍ ପରିପାକ

ହୁଏ । ପରିପାକ ଠିକ୍ ହେଲେ କୌଣସି ରୋଗର ଉପଦ୍ରବ ହୁଏ ନାହିଁ । ସମୟ ଅଭାବରୁ ପର ନିନ୍ଦା, ପର ଚର୍ଚ୍ଚାର ଅବକାଶ ମିଳେ ନାହିଁ । ତାହାର ଜୀବନ ଅପେକ୍ଷାକୃତ ପ୍ରସନ୍ନ ଥାଏ । କୃଷକର ଘରୁ ଯୋଗୀ ଭିକାରିଙ୍କୁ ମୁଠିଏ ଭିକ ମିଳେ । ଭୋକୀ, ଶୋଷୀ ତୋରାଣି ଢୋକେ ପାଏ । ଅତିଥି ଅଭ୍ୟାଗତର ସେବା ହୁଏ । ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ – ଏହି ତିନି ଆଶ୍ରମର ବ୍ୟକ୍ତିମାନଙ୍କର ଉଦରପାଳନ କେବଳ କୃଷକର ପରିଶ୍ରମରେ ହୁଏ । ସଂସାରରେ ଯାହାକିଛି ଚମତ୍କାର ଆଶ୍ଚର୍ଯ୍ୟଜନକ ବସ୍ତୁ ଦେଖାଯାଏ, ଯେଉଁ ବସ୍ତୁସବୁ ମନୁଷ୍ୟକୁ ସୁଖସୁବିଧା ଆଣିଦିଏ, ତାହାର ମୂଳ କାରଣ ହେଉଛି କୃଷକ । ବ୍ୟବସାୟୀ, ଅଫିସର, ଶାସକ, ସୈନିକ, ବିଜ୍ଞାନବେତ୍ତା ତଥା ଅଧ୍ୟାତ୍ମ ସାଧକମାନେ ବହୁତ ବଡ଼ ବଡ଼ କାର୍ଯ୍ୟ କରନ୍ତି ସତ୍ୟ, କିନ୍ତୁ ଏହାର ମୂଳରେ ଥାଏ ଭୋଜନ । ଭୋଜନ ବିନା ସଂସାର ଚଳେ ନାହିଁ । ବାୟୁଯାନ, ରେଡ଼ିଓ, ରେଳ, ଭଲ ଘର, ବିଜୁଳିପଙ୍ଖା ବିନା ମନୁଷ୍ୟ ଜୀବିତ ରହିପାରେ, କିନ୍ତୁ ଭୋଜନ ବିନା କିଛି ଦିନ ବିଛଣାରେ ବିଶ୍ରାମ ନେବା ପରେ ଚିରଦିନ ସକାଶେ ଚକ୍ଷୁ ବନ୍ଦ କରିଦେବାକୁ ପଡ଼େ । ସଂସାରରେ ଯେତେ ପ୍ରକାର ଜୀବନ ଅଛି, ସବୁଠାରୁ ସରଳ, ପରମାର୍ଥିକ ଜୀବନ ହେଉଛି କୃଷକର । ତାହାର ପରିଶ୍ରମ ନିଜ ତଥା ଅଧିକ ପରିମାଣରେ ଅନ୍ୟ ସକାଶେ ।

କୃଷକମାନଙ୍କ ବାସସ୍ଥାନ ଗ୍ରାମରେ । ସେମାନେ ଶସ୍ୟ ଉତ୍ପାଦନ କରନ୍ତି । ବିରି, ମୁଗ, ହରଡ଼ ଇତ୍ୟାଦି ଡାଲି ଓ ନାନା ପ୍ରକାର ପନିପରିବା ସେମାନଙ୍କ ଜମି ତଥା ବଗିଚାରେ ହୁଏ । ସୋରିଷ କରି ତେଲ ତିଆରି କରନ୍ତି, ଗାଈ ରଖି ବିଶୁଦ୍ଧ ଦୁଧ, ଘିଅ ପାଆନ୍ତି । ବାଡ଼ିରେ ପୋଖରୀ, କୂଅ । ସହରବାସୀଙ୍କଠାରୁ ସେମାନଙ୍କ ଜୀବନ ସ୍ୱତନ୍ତ୍ର । ସେମାନେ ସହରବାସୀଙ୍କ ପରି ବଜାରରୁ ବାସି ଶୁଖିଲା ପରିବା କିଣନ୍ତି ନାହିଁ । ମିଶା ତେଲ, ଘିଅ ଓ ପଚା ଶଢ଼ା ଜିନିଷ ସେମାନେ ଖାଆନ୍ତି ନାହିଁ । ଗାଧୋଇବା, ପିଇବା ଜଳ ପାଇଁ ମ୍ୟୁନିସିପାଲଟିର ଦୟା ଉପରେ ସେମାନେ ନିର୍ଭରଶୀଳ ନୁହନ୍ତି । ସେମାନେ ସ୍ୱଚ୍ଛ ଖୋଲା ବାୟୁରେ ରହନ୍ତି – ତାଜା, ଶୁଦ୍ଧ ବସ୍ତୁ ଭୋଜନ କରନ୍ତି । ସେମାନଙ୍କର ମାଲିମକଦମା, ଜାଲ ଫିସାଦ, ଜୁଆଚୋରି ନ ଥାଏ । ଗ୍ରାମରେ ଝଗଡ଼ା ହେଲେ ପଞ୍ଚାୟତ ନିଷ୍ପତ୍ତି କରିଦିଅନ୍ତି । ଏହା ଥିଲା ପୂର୍ବ କାଳରେ ।

ବର୍ତ୍ତମାନ ଗାର୍ହସ୍ଥ୍ୟ କୃଷକର ଜୀବନ ସହରର ଦୂଷିତ ବାତାବରଣରୁ ମୁକ୍ତ ନୁହେଁ । ଗ୍ରାମରେ ଦଳ ବାନ୍ଧି ଖଚ ମିଛ, ଜୁଆଚୋରି କରିବା ସହରଠାରୁ ବଳିପଡ଼ିଲାଣି । ଜଣେ ଗଣ୍ଡାଏ ଭଲରେ ଖାଇଲେ ଅନ୍ୟମାନେ ତାକୁ ଶେଷ କରିବାକୁ କଟିବଦ୍ଧ । ଯେଉଁ ବ୍ୟକ୍ତି ସ୍ୱାର୍ଥ ହାସଲ କରିବାରେ କୌଶଳତାପୂର୍ବକ ଛଦ୍ମନ୍ୟାୟର ଆଶ୍ରୟ ନେଇପାରେ, ସମାଜରେ ତା'ର ଶ୍ରେଷ୍ଠ ସ୍ଥାନ ଅଧିକାର ଏବଂ ଆଦର । ଗ୍ରାମବାସୀଙ୍କ ସୁବିଧା ସକାଶେ କୂପ, ପୁଷ୍କରିଣୀ, ବନ୍ଧ କିଂବା ଅନ୍ୟାନ୍ୟ ଗ୍ରାମର ଉନ୍ନତି ଉଦ୍ଦେଶ୍ୟରେ ଉପର ମହଲରୁ ଯେଉଁ ଅର୍ଥ ଆସେ, ତା' ମଧ୍ୟରୁ ଯେ ଯେତେ ଆତ୍ମସାତ୍ କରିପାରେ ସେ ସେତିକି ବୁଦ୍ଧିମାନ୍ ବୋଲି ଗଣ୍ୟ ହୁଏ । ଯେଉଁ ବ୍ୟକ୍ତି ଉପର ବ୍ୟକ୍ତିଙ୍କୁ ଲାଞ୍ଚ ଦେଇ ବଶ କରି ରଖି ଗରିବ ବ୍ୟକ୍ତିଙ୍କ ପେଟ କାଟି ନିଜ ପେଟ ମୋଟା କରେ, ଅୟସ ଆରାମରେ ରହେ ସେହିଁ ବଡ଼ଲୋକ ।

ମନୁଷ୍ୟର ଏହି ଅନ୍ୟାୟ ଆଚରଣରୁ ବାତାବରଣ ଦୂଷିତ ହୁଏ, କୁସଂସ୍କାର ଉତ୍ପନ୍ନ ହୁଏ । ଏହାର କୁପ୍ରଭାବ ମାତାଗର୍ଭରେ ଥିବା ଶିଶୁଠାରୁ ଆରମ୍ଭ କରି ସମସ୍ତ ପରିବାର ତଥା ଗ୍ରାମବାସୀଙ୍କ ଉପରେ ପଡ଼େ । ସେମାନେ ମଧ୍ୟ ସେହିପରି ଅନ୍ୟାୟ କାର୍ଯ୍ୟ ଆଚରଣ କରନ୍ତି । ଏହି ସ୍ୱାର୍ଥ ଯୋଗୁଁ ଉତ୍ପନ୍ନ ହୁଏ ବିରୋଧ । ପରିଣାମରେ ନିଜର ତଥା ଅନ୍ୟର ଜୀବନ ହୁଏ ଅଶାନ୍ତ, ଦ୍ୱନ୍ଦ୍ୱମୟ । ଶିଶୁମାନେ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର କୁପ୍ରକୃତି ବଢ଼େ, ପିତାମାତାଙ୍କ ଆଜ୍ଞା ପାଳନ କରନ୍ତି ନାହିଁ । ମିଥ୍ୟା କହି ପିତାମାତାଙ୍କୁ ଠକାନ୍ତି । ଶେଷରେ ପୁତ୍ର କନ୍ୟାମାନଙ୍କର କୁପ୍ରବୃତ୍ତି ପିତାମାତାଙ୍କୁ ଅତିକ୍ରମ କରିଯାଏ । ନିଜର ଅଧର୍ମ, ଅନ୍ୟାୟ ଆଚରଣରୁ ଅଶାନ୍ତି, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ ଜୀବନକୁ ଦୁଃଖମୟ କରି ତୋଳେ । ଅଶାନ୍ତ ଜୀବନରେ ଗ୍ରାମବାସୀ, ପଡ଼ୋଶୀ, ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ଦୁର୍ବ୍ୟବହାର ସ୍ୱାଭାବିକ ହୁଏ; ନିଜ ପୁତ୍ର କନ୍ୟାଙ୍କ ପ୍ରତିକୂଳ ଆଚରଣ ଅଗ୍ନିରେ ଆହୁତିସଦୃଶ ହୋଇ ଜୀବନକୁ ଦୁଃଖରେ ଜର୍ଜରିତ କରିଦିଏ । ଯଥାର୍ଥରେ ଗ୍ରାମବାସୀ, ପଡ଼ୋଶୀ, ପରିବାର, ପୁତ୍ର କନ୍ୟା ଦ୍ୱାରା ମନୁଷ୍ୟଜୀବନ ଦୁଃଖମୟ ହୁଏ ନାହିଁ, ହୁଏ ନିଜେ ଅଧର୍ମ

ଅନ୍ୟାୟ ଆଚରଣ କରିବା ଦ୍ୱାରା । ସେ ସ୍ୱୟଂ ଧର୍ମ, ନ୍ୟାୟ, ନିଃସ୍ୱାର୍ଥ ଆଚରଣରେ ଅନ୍ୟର ହିତ କରିଥିଲେ ତାହାର ପ୍ରଭାବରୁ ନିଜ ଶିଶୁଠାରୁ ଆରମ୍ଭ କରି ପଡ଼ୋଶୀ, ଗ୍ରାମବାସୀମାନଙ୍କର ପ୍ରବୃତ୍ତି ସୁଧାର ହୋଇଥା'ନ୍ତା । ସେମାନଙ୍କର ଭଲ ଆଚରଣ ହୋଇଥିଲେ ସେମାନଙ୍କ ଦ୍ୱାରା ତୁମ୍ଭ ପ୍ରତି ଅନ୍ୟାୟ, ମିଥ୍ୟା ବ୍ୟବହାର ହୋଇ ନ ଥା'ନ୍ତା । ତେବେ ତୁମେ ଯେଉଁ ଶାନ୍ତି, ସୁଖ; ଗ୍ରାମ, ପରିବାର ତଥା ପୁତ୍ରକନ୍ୟାଙ୍କଠାରୁ ଆଶା କରିଥିଲ ତାହା ପ୍ରାପ୍ତ କରିଥାଆନ୍ତ ଏବଂ ଯଥାର୍ଥରେ ତୁମ୍ଭ ଜୀବନ ସୁଖମୟ ହୋଇଥାଆନ୍ତା । ଅତଏବ ନିଜ ଜୀବନର ଦୁଃଖର କାରଣ ଅନ୍ୟ କେହି ନୁହେଁ, ନିଜର ଅଧର୍ମ ଆଚରଣ । ଧର୍ମ ପ୍ରକୃତରେ ବ୍ୟକ୍ତିକୁ ଯଥାର୍ଥ ସୁଖ ଦିଏ,– ଅଧର୍ମ, ଅନ୍ୟାୟ ନିଶ୍ଚିତରୂପେ ଦୁଃଖ ଦ୍ୱନ୍ଦ୍ୱରେ ପକାଏ ।

## ଦୁଃଖ ବା ସୁଖ ସାମୟିକ

ମନୁଷ୍ୟ ବର୍ତ୍ତମାନ ଯେଉଁ ଦୁଃଖ ବା ସୁଖ ଭୋଗ କରୁଅଛି, ଏହା ତାହାର ସ୍ଥାୟୀ ଦୁଃଖ ବା ସୁଖ ନୁହେଁ, ଏହା ସାମୟିକ; ଲକ୍ଷ୍ୟରେ ପହଞ୍ଚିବା ମାର୍ଗର ଅବସ୍ଥା । ମନୁଷ୍ୟ ସଂସାରକୁ ଆସିଛି ନିଜ ଲକ୍ଷ୍ୟରେ ପହଞ୍ଚିବା ସକାଶେ । ଭଗବାନଙ୍କୁ ମନୁଷ୍ୟର ଅପୂର୍ଣ୍ଣତା ପସନ୍ଦ ହୁଏ ନାହିଁ । ସେଥିପାଇଁ ସେ ଦୁଃଖ କଷ୍ଟକୁ ଅନୁମତି ଦେଇଛନ୍ତି । ମନୁଷ୍ୟ ସେହି ଦୁଃଖକଷ୍ଟ ଯୋଗୁଁ ଗୋଟାଏ ସ୍ଥିତିରେ ସ୍ଥାୟୀ ହୋଇ ରହି ନ ପାରି ଆଗେ ବଢ଼ିବାକୁ ଚାହୁଁଅଛି । ଭଗବାନ୍ ସଂସାରରେ ନିଜକୁ ପୂର୍ଣ୍ଣତଃ ପ୍ରକାଶ କରିବା ସକାଶେ ସ୍ୱୟଂ ବିଭିନ୍ନ ରୂପରେ ପ୍ରଘଟ ହୋଇଅଛନ୍ତି ଏବଂ କ୍ରମବିକାଶ ଦ୍ୱାରା ସେହି ପୂର୍ଣ୍ଣତା ଆଡ଼କୁ ଗତି କରୁଅଛନ୍ତି । ଶୀଘ୍ର ଲକ୍ଷ୍ୟରେ ପହଞ୍ଚିବାର ସରଳ ଏବଂ ସୁଖପ୍ରଦ ଉପାୟ ହେଉଛି ଅଧ୍ୟାତ୍ମ ଧର୍ମ । ମନୁଷ୍ୟ ପ୍ରମାଦବଶତଃ ଧର୍ମତ୍ୟାଗ କଲେ ତା'ର ଲକ୍ଷ୍ୟଯାତ୍ରା ଅଧିକ ବିଳମ୍ବ ହୁଏ ଏବଂ ତାକୁ ନାନା ପ୍ରକାର ଦୁଃଖଦ୍ୱନ୍ଦ୍ୱ ଭୋଗ କରିବାକୁ ପଡ଼େ । ପୂର୍ବକାଳରେ ମନୁଷ୍ୟର ମନ ଅଧିକ ବିକଶିତ ହୋଇ ନ ଥିବାରୁ ତା'ର ଧର୍ମ ପ୍ରତି ବିଶ୍ୱାସ, ଶ୍ରଦ୍ଧା ଥିଲା । ସେଥିପାଇଁ ସେ କେତେକ ପରିମାଣରେ ସୁଖରେ ରହୁଥିଲା, କିନ୍ତୁ ତାହା ତା'ର ପୂର୍ଣ୍ଣତା ନ ଥିଲା । ପୂର୍ଣ୍ଣତା ସକାଶେ ମନ-ବୁଦ୍ଧିର ବିକାଶ ଆବଶ୍ୟକ ଥିଲା । ମନ-ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଆତ୍ମା ଅଧିକ ଘନ ଆବରଣରେ ରହିଗଲା । ଆତ୍ମାର ପ୍ରଭାବ ବା ଜ୍ୟୋତି ମନ-ପ୍ରାଣ ନ ପାଇବାରୁ ସେ ଅନ୍ଧକାର ମାର୍ଗରେ ଗତିକଲା । ତାହାର ପରିଣାମରେ ମନୁଷ୍ୟ ଧର୍ମଭ୍ରଷ୍ଟ ହୋଇ ଦୁଃଖ ଭୋଗିଲା ।

ମନୁଷ୍ୟର ପୂର୍ଣ୍ଣତା ସକାଶେ ମନ, ପ୍ରାଣ, ଶରୀର ଓ ଆତ୍ମାର ବିକାଶ ଆବଶ୍ୟକ । ବର୍ତ୍ତମାନ ଏହି ଚାରି ସତ୍ତାର ବିକାଶର ସମୟ ଆସିଛି । ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ଆଣିଛନ୍ତି । ମନୁଷ୍ୟ କୋଟି କୋଟି ଜନ୍ମରେ ଦୁଃଖଦ୍ୱନ୍ଦ୍ୱ ମଧଦେଇ ନିଜର ଯେଉଁ ଲକ୍ଷ୍ୟରେ ପହଞ୍ଚି ପାରିଥା'ନ୍ତା, ଅତିମାନସର କ୍ରିୟା ଦ୍ୱାରା ବହୁତ ଅଳ୍ପ ସମୟ ମଧରେ ସେହି ଲକ୍ଷ୍ୟରେ ପହଞ୍ଚିବାର ସୁଯୋଗ ମିଳିଛି । ବ୍ୟକ୍ତି ସେହି ଶକ୍ତି ପାଖରେ ନିଜକୁ ସମର୍ପଣ କଲେ ତାହା ମନୁଷ୍ୟର ସମସ୍ତ ଭାର ଗ୍ରହଣ କରି, ସ୍ୱୟଂ ମନୁଷ୍ୟ ମଧରେ କ୍ରିୟା କରି ତାକୁ ଲକ୍ଷ୍ୟରେ ପହଞ୍ଚାଇ ଦେବ । ଏହି ସକାଶେ ଯେଉଁ ବ୍ୟକ୍ତି ଯେଉଁ ଅବସ୍ଥାରେ ଅଛି, ଯେ ଯେଉଁ କାର୍ଯ୍ୟ କରୁଅଛି, ସେ ସେହି ଅବସ୍ଥାରେ ସେହି କାର୍ଯ୍ୟକୁ ସମର୍ପଣ କରିପାରିବ ।

## ସମର୍ପଣର ସରଳ ଉପାୟ

ପୂର୍ବେ ମନୁଷ୍ୟର ଲକ୍ଷ୍ୟ ସମ୍ବନ୍ଧେ ଆଲୋଚନା କରାଯାଇଛି । ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ହେଲା ନିଜର ଲକ୍ଷ୍ୟ ଜାଣିବା । ସତ୍, ଚିତ୍ ପରମାନନ୍ଦଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି ତଥା ପ୍ରକାଶ କରିବାହିଁ ମନୁଷ୍ୟର ଲକ୍ଷ୍ୟ । ଏହା ସିଦ୍ଧ ହୁଏ ମନୁଷ୍ୟର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବା ଦ୍ୱାରା । ରୂପାନ୍ତରିତ ଶରୀର

ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୁଏ; ଶରୀର ଚୈତନ୍ୟମୟ ହୁଏ । ରୂପାନ୍ତରିତ ମନ-ପ୍ରାଣ ସଦୃଶ ଶରୀର ମଧ୍ୟ ଭଗବତ୍ ଉପଲବ୍ଧି କରିପାରେ । ଏହାର ସାଧନା ହେଉଛି — ଅଭୀପ୍ସା, ତ୍ୟାଗ ଓ ସମର୍ପଣ । ଏ-ବିଷୟ 'ଲୋକ-ସାହିତ୍ୟ' ଓ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ପୁସ୍ତକରେ ଆଲୋଚନା କରାହୋଇଛି । ଏଠାରେ ସମର୍ପଣ ବିଷୟ ସରଳ ଉପାୟରେ କ୍ରିୟାତ୍ମକରୂପେ ଆଲୋଚନା କରିବା ।

ସମଗ୍ର ସଂସାର, ସମସ୍ତ ପ୍ରାଣୀ, ଜୀବଜନ୍ତୁ, ଘର, ପରିବାର ଇତ୍ୟାଦି ଭଗବାନଙ୍କର । ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ ହୋଇଅଛନ୍ତି । ସଂସାର ଏକ ରଙ୍ଗମଞ୍ଚ । ଭଗବାନ୍ ତା'ର ସୂତ୍ରଧାର । ରଙ୍ଗମଞ୍ଚରେ ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ସକାଶେ, ପ୍ରତ୍ୟେକ ବ୍ୟକ୍ତିକୁ ଭଗବାନ୍ ନିଯୁକ୍ତ କରିଅଛନ୍ତି । ମନୁଷ୍ୟ ଏହା ହୃଦୟଙ୍ଗମ କରି କର୍ମ କଲେ ସୁଖରେ ରହେ । ସୂତ୍ରଧାର ଏବଂ ରଙ୍ଗମଞ୍ଚର ଜ୍ଞାନ ବିସ୍ମୃତ ହୋଇ ନିଜ କର୍ତ୍ତବ୍ୟରୁ ଚ୍ୟୁତ ହେଲେ ବ୍ୟକ୍ତି ଦଣ୍ଡ ପାଏ । ବ୍ୟକ୍ତିର ଘର, ପରିବାର, ଜମିବାଡ଼ି ସବୁ ଭଗବାନଙ୍କର । ଗୃହରେ ଏହି ସେବା କରିବା ସକାଶେ ଭଗବାନ୍ ତାକୁ ଏହି କର୍ତ୍ତବ୍ୟ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିକୁ କେଉଁ ଧାରଣା ନେଇ କାର୍ଯ୍ୟ କରିବାକୁ ହେବ ନିମ୍ନରେ ତାହାର ସୂଚନା ଦିଆଗଲା :

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଘରେ ରଖି ତାଙ୍କୁହିଁ ଘରର ମାଲିକ ଏବଂ ଇଷ୍ଟଦେବରୂପେ ମାନିନେବ । ଉଠିବା ସଙ୍ଗେ ସଙ୍ଗେ ସେହି ଇଷ୍ଟଦେବଙ୍କ ମୂର୍ତ୍ତିକୁ ହୃଦୟ ମଧ୍ୟରେ, ହୃଦୟର ଗଭୀରରେ ଧ୍ୟାନ କରିବ । ନିଜେ, ନିଜର ଯାହା କିଛି, ସମସ୍ତ ସମର୍ପଣ କରିବ । ପ୍ରାର୍ଥନା କରିବ — ''ହେ ପ୍ରଭୁ, ଏହି ସଂସାର, ଘର, ପରିବାର, ଧନସମ୍ପତ୍ତି ସମସ୍ତ ତୁମ୍ଭରି । ମୁଁ ମଧ୍ୟ ତୁମ୍ଭରି । ତୁମ୍ଭେ ସର୍ବତ୍ର, ସର୍ବ ବସ୍ତୁରେ ଓତପ୍ରୋତ ହୋଇ ରହିଅଛ । ତୁମ୍ଭଛଡ଼ା ଆଉ କିଛି ନାହିଁ । ଏହି ସଂସାର, ଘର ସର୍ବାବସ୍ଥାରେ ତୁମ୍ଭରି ହୋଇ ରହିଛି, କିନ୍ତୁ ଆମ୍ଭେମାନେ ନିଜ ଅଜ୍ଞାନବଶତଃ ତୁମ୍ଭଙ୍କୁ ଭୁଲି, ତୁମ୍ଭ ଦ୍ୱାରା ନିଯୁକ୍ତ ହୋଇଥିବା ସେବାକୁ ଭୁଲି ସବୁକିଛିକୁ ନିଜର ବୋଲି ମାନିନେଇଛୁ । ଯେଉଁ ଘରେ ଆମ୍ଭମାନଙ୍କର ମମତା, ଯାହାକୁ 'ମୋର' ବା 'ଆମ୍ଭର' ବୋଲି କହୁ ତାହା ପଚାଶ ବର୍ଷ ପୂର୍ବେ ଅନ୍ୟର ଥିଲା, ତା' ପୂର୍ବରୁ ଅନ୍ୟର ଥିଲା, ଭବିଷ୍ୟତରେ ବି ଅନ୍ୟର ହେବ; ଅତଏବ ଯଥାର୍ଥରେ ଏହା କାହାର ନୁହେଁ, ନିଜର ବୋଲି କହିବା କେବଳ ଅଜ୍ଞାନତା ଓ ଭ୍ରମ । 'ମୋର' କହିବା ବ୍ୟକ୍ତି ମୃତ୍ୟୁ ପରେ ଅନ୍ୟ ସ୍ଥାନରେ ଜନ୍ମ ହୋଇ ପୂର୍ବଜନ୍ମରେ ନିଜେ ତିଆରି କରିଥିବା ଘରକୁ ଆସିଲେ ତା'ର ନିଜର ପୁତ୍ର, ନିଜର ସ୍ତ୍ରୀ ସେ ଘରେ ତାକୁ ପ୍ରବେଶ କରିବାକୁ ଦିଅନ୍ତି ନାହିଁ । ସେ ନିଜର ଯେଉଁ ସ୍ତ୍ରୀକୁ ପ୍ରାଣଠାରୁ ଅଧିକ ସ୍ନେହ କରୁଥାଏ, ଯାହାର ମୋହବନ୍ଧନରେ ପଡ଼ି ନିଜର ଚିର ଶାଶ୍ୱତ ସାଥୀ ଭଗବାନଙ୍କୁ ନିଜ ଚେତନାରୁ ନିର୍ବାସିତ କରିଦେଇଥାଏ, ସେହି ପ୍ରାଣବଲ୍ଲଭୀ ତାକୁ ମୁଠିଏ ଖାଇବାକୁ ଦିଏ ନାହିଁ । ମଜୁରି କରି ଖାଇବାକୁ ଶିକ୍ଷାଦିଏ । ନିଜେ ଅନ୍ୟାୟ ଅଧର୍ମରେ ମିଥ୍ୟା କହି, ଅନ୍ୟ ଗଳା କାଟି ପଇସା ରୋଜଗାର କରି ଯେଉଁ ପୁଅକୁ ପଢ଼ାଇ ଲେଖାଇ ମଣିଷ କରିଥାଏ, ଯାହାର ସୁଖ ଦୁଃଖରେ ନିଜ ପ୍ରାଣକୁ ବଳି ଦେଇଥାଏ, ସେହି ପୁତ୍ର ମୋକଦ୍ଦମାରେ ଅତୀତର ପିତାଙ୍କୁ ଜେଲ ଦିଏ । ନିଜେ କମେଇ ରଖିଥିବା ସଂପତ୍ତିର ଗୋଟିଏ ପଇସା ଭିକ୍ଷାରୂପେ ପାଇବାର ଅଧିକାରୀ ସେ ହୋଇପାରେ ନାହିଁ । ପ୍ରଭୁ ! ମନୁଷ୍ୟ ଏହା ଦେଖି ଜାଣିବା ସତ୍ତ୍ୱେ ତୁମ ମାୟାରେ ଏପରି ମୋହିତ ହୋଇଯାଏ ଯେ ଏହି ମିଥ୍ୟାକୁ ସତ୍ୟ ବୋଲି ମାନିନିଏ । ତା'ର ପୂର୍ବପୁରୁଷମାନେ ଭ୍ରମବଶତଃ ଏହାହିଁ କରି ଶେଷରେ ଚକ୍ଷୁବୁଜି ଖାଲିହାତରେ ଚାଲିଯାଇଛନ୍ତି । ଏହା ଦେଖିବା ସତ୍ତ୍ୱେ ତା'ର ଚେତା ଆସେ ନାହିଁ । ସ୍ତ୍ରୀ, ପୁତ୍ର, କନ୍ୟା, ଭାଇ ବନ୍ଧୁ ସବୁ ଧର୍ମଶାଳାରେ ରାତ୍ରି-ବିଶ୍ରାମର ସାଥୀ ସଦୃଶ; ଆଜି ଏହି ପରିବାରରେ ତ କାଲି ଅନ୍ୟ ଗ୍ରାମ, ଅନ୍ୟ ଦେଶ, ଅନ୍ୟ ପରିବାରରେ ଅନ୍ୟ ଲୋକର ପିତା ମାତା ହୁଅନ୍ତି । ଯେଉଁଠାରେ ମନୁଷ୍ୟ ଜନ୍ମ ନିଏ ସେ ସବୁକୁ ନିଜର ବୋଲି ମାନିନିଏ । କିନ୍ତୁ ମୃତ୍ୟୁ ପରେ ସମସ୍ତେ ପର ହୁଅନ୍ତି । ଏହା ଆଖି ଆଗରେ ଘଟୁଥିବା ସତ୍ତ୍ୱେ ମନୁଷ୍ୟର ଭ୍ରମ ଦୂର ହୁଏ ନାହିଁ ।

''ପ୍ରଭୁ, ଦୟା କର । ଏହି ମାୟାମୋହରୁ ଉଦ୍ଧାର କର । ସଂସାର, ଦେଶ, ଗ୍ରାମ, ପରିବାର ତୁମରି ଜାଣି, ତୁମରି ଦ୍ୱାରା ନିର୍ଦ୍ଧାରିତ ଏହି ସେବାକୁ ତୁମରି ପୂଜାରୂପେ ସମ୍ପାଦନ କରି ତୁମ୍ଭଙ୍କୁ ସମର୍ପଣ କରିପାରେ । ପୁତ୍ର, ପରିବାର ରୂପେ ତୁମ୍ଭେ ସ୍ୱୟଂ ସଂସାରରେ ଛଦ୍ମାକାର ଧାରଣ କରିଅଛ ନିଜକୁ ଯଥାର୍ଥ ସ୍ୱରୂପରେ ପ୍ରକଟ କରିବା ସକାଶେ ।

ମନୁଷ୍ୟର ଯେଉଁ ଆବଶ୍ୟକ କର୍ମ ଦେଶ, ଜାତି, ସମାଜ, ପରିବାର ପ୍ରତି କରଣୀୟ ତାହା ସବୁ ତୁମରି ସେବା । ଏହା ତୁମ୍ଭରି କୃପାରୁ ମୁଁ ଯେପରି ଠିକ୍‌ରୂପେ ହୃଦୟଙ୍ଗମ କରିପାରେ ।''

ପ୍ରତ୍ୟେକ ବ୍ୟକ୍ତି ନିମ୍ନଲିଖିତ ମତେ ନିଜର ଦୈନନ୍ଦିନ କର୍ମ କରିବା ବିଧେୟ ।

(୧) ଉପରୋକ୍ତ ପ୍ରାର୍ଥନା ଯଦି ପ୍ରତିଦିନ କରିବା ସମ୍ଭବ ନ ହୁଏ, ତେବେ ଏହି ବିଷୟକୁ ହୃଦୟରେ ଧାରଣ କରିବେ । ବିଛଣାରେ କିଛି ସମୟ ଧ୍ୟାନ କରିବା ପରେ ଉଠି ଫଟୋ ପାଖରେ ପ୍ରଣାମ କରି ମାନିନେବେ ଘରର ପ୍ରଭୁ ଏହି, ମୁଁ ସେବକ ।

(୨) ଯେକୌଣସି କାର୍ଯ୍ୟ କର, କିନ୍ତୁ ଧାରଣା କର ପ୍ରଭୁ ତୁମ୍ଭ ସାମନାରେ ରହି ତୁମ୍ଭର ସମସ୍ତ କର୍ମ ଦେଖୁଅଛନ୍ତି । ତୁମ୍ଭେ ସେହି କର୍ମ ତାଙ୍କ ସମ୍ମୁଖରେ କରି ତାଙ୍କ ଚରଣରେ ଅର୍ପଣ କରୁଅଛ ।

(୩) ଅତିଥି ଅଭ୍ୟାଗତ ଆସିଲେ ତାଙ୍କୁ ଭଗବତ୍‌ସ୍ୱରୂପ ଜାଣି ପରିସ୍ଥିତି ତଥା ଶକ୍ତି ଅନୁସାରେ ସତ୍କାର କରିବ । କାରଣ ସମସ୍ତ ପ୍ରାଣୀ ଭଗବତ୍-ସ୍ୱରୂପ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଘରକୁ ବାଘ କିଂବା ଚୋର ଆସିଲେ ତାକୁ ପୂଜା କରିବ । ବାଘ ଆସିଲେ ବାଘ-ରୂପ ନାରାୟଣଙ୍କ ସେବା ହେବ ତାକୁ ଗୁଳି ମାରିବା । ଚୋରକୁ ଧରି ଜେଲ ଦେବା, ପୁଅକୁ ଶାସନ କରିବା, ସ୍ତ୍ରୀ ପ୍ରତି ଉଚିତ ବ୍ୟବହାର କରିବାହିଁ ଭଗବାନଙ୍କ ସେବା । ଏହି ଭାବରେ ସାଧନା ଆରମ୍ଭ କଲେ ସାଧନାର ଭାର ଭାଗବତୀ ଶକ୍ତି ଗ୍ରହଣ କରି ବ୍ୟକ୍ତିକୁ ପରିଚାଳନା କରନ୍ତି । ତେବେ ବ୍ୟକ୍ତି ଅନ୍ତରର ନିର୍ଦ୍ଦେଶ ଅନୁସାରେ ସମସ୍ତ କର୍ମ କରେ ।

(୪) ସତ୍ୟ-ବ୍ୟବହାର, ସତ୍ୟ-ଭାଷଣ, ସତ୍ୟ-ଆଚରଣ ଧର୍ମର ପ୍ରଧାନ ଅଙ୍ଗ । ଏହା ପାଳନ କରିବା ଅନ୍ୟାନ୍ୟ ବ୍ୟକ୍ତି ଅପେକ୍ଷା କୃଷକପକ୍ଷେ ସହଜ ହୋଇପାରେ । ମନୁଷ୍ୟ ଯଦି ସତ୍ୟ କହିବା ନିଷ୍ଠାସହ ପାଳନ କରେ ତେବେ ତା'ର ଅନ୍ୟ ଦୂଷିତ କର୍ମ ହୁଏ ନାହିଁ । ସତ୍ୟ କହିବାରେ ଯଦ୍ୟପି ବହୁତ ଅସୁବିଧା ଆସେ ତଥାପି ଦୃଢ଼ ସଙ୍କଳ୍ପ କଲେ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି ।

(୫) ଗ୍ରାମର ଅନ୍ୟଲୋକଙ୍କୁ ହିଂସା କର ନାହିଁ, ତା'ର ଅମଙ୍ଗଳ ଚାହଁ ନାହିଁ, ପରନିନ୍ଦା ଚର୍ଚ୍ଚା କର ନାହିଁ । ଏହାଦ୍ୱାରା ନିଜର ଅନ୍ତର ଅପବିତ୍ର ହୁଏ, ଆତ୍ମା ଆବରିତ ହୋଇଯାଏ; ଏହି ଭାବର ପ୍ରତିକ୍ରିୟା ନିଜ ମଧ୍ୟରେ ହୁଏ ।

(୬) ତୁମେ ଏହିପରି ସତ୍ୟ ଆଚରଣ କରିବା ଦ୍ୱାରା ତୁମେ ନିଜେ ସୁଖୀ ହେବ । ତୁମ ସତ୍ୟ ଆଚରଣର ପ୍ରଭାବ ତୁମ ବାଳକବାଳିକାମାନଙ୍କ ମଧ୍ୟରେ ସୁସଂସ୍କାର ପ୍ରତିଷ୍ଠା କରିବ । ସେମାନେ ସତ୍ୟ ଆଚରଣ କରିବେ । ଏହାଦ୍ୱାରା ତୁମଙ୍କୁ ତୁମ ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ସାହାଯ୍ୟ ମିଳିବ ।

## ଏକତ୍ୱ ନଷ୍ଟ ହେବାର କାରଣ

ଏକତ୍ୱ, ସାମଞ୍ଜସ୍ୟ ନଷ୍ଟହେବାର କାରଣ ସ୍ୱାର୍ଥ ଏବଂ ଅହଂ । ଅହଂ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ଅହଂ ରହେ ମନୁଷ୍ୟଚେତନା ଭଗବାନଙ୍କ ସହିତ ଏକ ହେବା ପର୍ଯ୍ୟନ୍ତ । ଅଧ୍ୟାତ୍ମସାଧକମାନଙ୍କର ସମର୍ପଣ ତଥା ତପସ୍ୟା ଦ୍ୱାରା ମନ ବୁଦ୍ଧି ବହୁପରିମାଣରେ ଶୁଦ୍ଧ ହୋଇଯାଏ । ସେମାନେ ବହୁ ଅଂଶରେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି; ସୁତରାଂ ସେମାନେ ଅହଂ ତଥା ଅହଂ-ପ୍ରସୂତ ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧର ସ୍ୱରୂପ ଜାଣିପାରନ୍ତି ଏବଂ ସେସବୁକୁ କ୍ରିୟା କରିବାକୁ ନ ଦେଇ ସଂସାର ବ୍ୟବହାର କାର୍ଯ୍ୟରେ ସାମଞ୍ଜସ୍ୟ ରଖିପାରନ୍ତି । କିନ୍ତୁ ସାଧାରଣ ବ୍ୟକ୍ତି ଏମାନଙ୍କୁ ଚିହ୍ନିପାରନ୍ତି ନାହିଁ । ସେହି ସକାଶେ ଶାଶୂ ବୋହୂ ମଧ୍ୟରେ କଳି ହୁଏ, ଭାଇ ଭାଇ ଭିନ୍ନ ହୁଅନ୍ତି, ମୋକଦ୍ଦମାରେ ସମ୍ପତ୍ତି ନଷ୍ଟ କରନ୍ତି, ମିତ୍ରମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦିଏ, କର୍ମଚାରୀ ଅଫିସରମାନଙ୍କ ବାଦ-ବିବାଦ ଯୋଗୁଁ ଏକର ଅନ୍ୟ ଅନିଷ୍ଟ କରେ । ନେତାମାନଙ୍କର କଥା କହିବାର ନୁହେଁ, ସେମାନେ ତ ସବୁକିଛି କରିପାରନ୍ତି !

ଏହି ଅହଂ, ସ୍ୱାର୍ଥଯୋଗୁଁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହୁଏ । ଜନକ୍ଷୟ, ଧନ ସମ୍ପତ୍ତି ନଷ୍ଟ ହୁଏ, ସଂସାରରେ

ଅଶାନ୍ତି ହୁଏ, ମନୁଷ୍ୟକୁ ପୀଡ଼ା ପ୍ରାପ୍ତ ହୁଏ । ଏହି ଅହଂ ଏବଂ ସ୍ୱାର୍ଥ ବହୁତ ଛଦ୍ମ ରୂପ ଧାରଣ କରନ୍ତି । ଏସବୁକୁ ଶାସ୍ତ୍ରଜ୍ଞ ପଣ୍ଡିତ ତଥା ବୁଦ୍ଧି ଯୁକ୍ତିବାଦୀ ବ୍ୟକ୍ତି ଜାଣିପାରନ୍ତି ନାହିଁ କିଂବା ସଂଯମ କରିପାରନ୍ତି ନାହିଁ । ଅହଂ, ସ୍ୱାର୍ଥର ବଶ ହୋଇ ପରିବାର ମଧ୍ୟରେ ପରସ୍ପର କିପରି ଝଗଡ଼ା କରି ଅଶାନ୍ତି ସୃଷ୍ଟି କରନ୍ତି ତାହା କ୍ରମଶଃ ଆଲୋଚନା କରିବା ।

## ସଦ୍‌ଗୃହିଣୀ

ଭଗବାନଙ୍କ ସୃଷ୍ଟି ବୈଚିତ୍ର୍ୟପୂର୍ଣ୍ଣ । କୌଣସି ଦୁଇଟି ବସ୍ତୁ ମଧ୍ୟରେ ସାମଞ୍ଜସ୍ୟ ନାହିଁ । ଗଛରେ କୋଟି କୋଟି ପତ୍ର, ସଂସାରରେ କୋଟି କୋଟି ବ୍ୟକ୍ତି,— ଦୁଇଟି ପତ୍ର, ଦୁଇଟି ବ୍ୟକ୍ତି ଠିକ୍ ଏକ ରୂପର ନୁହନ୍ତି । ସେମାନଙ୍କର ଆକାର ଯେପରି ପୃଥକ୍, ସ୍ୱଭାବ ମଧ୍ୟ ସେହିପରି ଭିନ୍ନ । ପ୍ରତ୍ୟେକ ମନୁଷ୍ୟର ଧାରଣା – ତା' ନିଜର ସମସ୍ତ ସ୍ୱଭାବ ଠିକ୍ ଅଥବା ବହୁତ ଅଂଶରେ ଠିକ୍, ଅନ୍ୟର ଭୁଲ୍ । ମନୁଷ୍ୟର ବୁଦ୍ଧି ଅଶୁଦ୍ଧ ଓ ଅବିକଶିତ ଅବସ୍ଥାରେ ଏହି ଧାରଣା ଅଧିକ ଦୃଢ଼ ଥାଏ । ଘରକୁ ନୂଆ ବୋହୂଟିଏ ଆସିଲେ ଶାଶୂ ତା'ଠାରୁ ନିଜ ସ୍ୱଭାବ, ନିଜ ରୁଚି, ନିଜ ନିର୍ଦ୍ଦେଶାନୁସାରେ କାର୍ଯ୍ୟ ତଥା ବ୍ୟବହାର ଆଶାକରେ । ଶାଶୂ ବୋହୂଠାରୁ ବୟସରେ ଅଧିକ ଥିବାରୁ ତା'ଠାରୁ ଗୃହକାର୍ଯ୍ୟ ଏବଂ ବ୍ୟବହାର ଉତ୍ତମରୂପେ ଜାଣିଥିବାର ଧାରଣା କରେ । ନିଜର ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ବୋହୂକୁ ପ୍ରବର୍ତ୍ତାଏ । ଯଦି ଶାଶୂବୋହୂଙ୍କ ସ୍ୱଭାବରେ ଅଧିକ ସାମଞ୍ଜସ୍ୟ ଥାଏ କିଂବା ଦୁଇଜଣଙ୍କ ମଧ୍ୟରୁ ଜଣେ ଅନ୍ୟର ସ୍ୱଭାବ ବୁଝିପାରି ତା' ସହିତ ସାମଞ୍ଜସ୍ୟ ରଖିପାରେ ତେବେ କୌଣସିମତେ ସବୁ ଠିକ୍‌ରୂପେ ଚାଲେ । ଅନ୍ୟଥା ଉଭୟଙ୍କ ସ୍ୱଭାବରେ ଅଧିକ ପ୍ରଭେଦ ଥିଲେ କଳହ ସୃଷ୍ଟି ହୁଏ । ତା'ଛଡ଼ା ଶାଶୂର ସ୍ୱଭାବ ଗଠିତ ହୋଇଥାଏ ବୋହୂର ତିରିଶ ଚାଳିଶ ବର୍ଷ ପୂର୍ବର ପରିସ୍ଥିତି ଅନୁସାରେ । ସେହି ପରିସ୍ଥିତି ଚାଲିଯାଇ ନୂତନ ପରିସ୍ଥିତିର ସୃଷ୍ଟି ହୋଇଥାଏ । ଏହି ନୂତନ ପରିସ୍ଥିତି ଅନୁସାରେ ବୋହୂର ସ୍ୱଭାବ ଗଠନ ହୁଏ । ଏହି କାରଣରୁ ଶାଶୂ ବୋହୂର ସ୍ୱଭାବରେ ବହୁତ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ଶାଶୂର ଦୃଷ୍ଟିରେ ବୋହୂର ସ୍ୱଭାବ ଅନିୟନ୍ତ୍ରିତ ବୋଧହୁଏ । ବୋହୂର ଦୃଷ୍ଟିରେ ଶାଶୂର ସ୍ୱଭାବ ଅଜ୍ଞାନପୂର୍ଣ୍ଣ; ବୋହୂର ସ୍ୱଭାବକୁ ଶାଶୂ ପସନ୍ଦ କରେ ନାହିଁ, ଶାଶୂର ସ୍ୱଭାବକୁ ବୋହୂ ସମ୍ମାନ କରେ ନାହିଁ । ଏହି ସକାଶେ ଦୁଇଜଣଙ୍କ ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୁଏ । ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଯଦି ବୁଦ୍ଧିମତୀ, ଶାନ୍ତସ୍ୱଭାବ, ବ୍ୟବହାରରେ କୁଶଳୀ, ସ୍ୱାର୍ଥଭାବନା କମ୍, ସରଳ, ନିଷ୍କପଟହୃଦୟା, ସଚ୍ଚରିତ୍ରା, ତାମସିକତାବିହୀନ, ଗୃହକାର୍ଯ୍ୟକ୍ଷମ, ଅତ୍ୟଧିକ ପରିମାଣରେ ଗୃହ ବ୍ୟକ୍ତିଙ୍କ ପ୍ରତି ସମଭାବ ରଖେ, ନିଜେ ଶୁଦ୍ଧ, ପବିତ୍ର ରହେ, ତେବେ ପରିବାରରେ ସାମଞ୍ଜସ୍ୟ ନ ଥିଲେ ସୁଦ୍ଧା ତା'ର ଏହି ସଦ୍‌ଗୁଣାବଳୀର ପ୍ରଭାବରେ ଅନ୍ୟମାନେ ପ୍ରଭାବିତ ହୁଅନ୍ତି ଏବଂ ଏହିପରି ସଦ୍‌ଗୁଣାଳଂକୃତା ମହିଳା ସମସ୍ତ ପରିବାରକୁ ସୁଧାର କରିପାରେ । ଏପରି ନାରୀମାନେ ସୁସନ୍ତାନର ମାତା ହୁଅନ୍ତି । ଯଥାର୍ଥରେ ଏହିପରି ସଦ୍‌ଗୁଣଯୁକ୍ତା ନାରୀ ଗୃହଲକ୍ଷ୍ମୀ, ଦେବୀ । ଅନ୍ୟଥା କର୍କଶା, ଦୁଷ୍ଟା, ସ୍ୱାର୍ଥ, ହିଂସା, ଦ୍ୱେଷପୂର୍ଣ୍ଣ ଗୋଟିଏ ନାରୀ କୌଣସି ଗୃହରେ ଥିଲେ ଗୃହର ସର୍ବନାଶ କରିଦିଅନ୍ତି । ଯଥାର୍ଥରେ ପରିବାରରେ ଧାର୍ମିକ, ଆର୍ଥିକ ଉନ୍ନତି ତଥା ମାନମର୍ଯ୍ୟାଦା ନାରୀମାନଙ୍କ ଉପରେ ନିର୍ଭର କରେ । ନାରୀମାନେ ସଦ୍‌ଗୁଣବତୀ ହେଲେ ଗୃହ ସ୍ୱର୍ଗ ହୁଏ, ଅନ୍ୟଥା ଗୃହ ନରକରେ ପରିଣତ ହୁଏ । ନାରୀମାନେ ଯଦି ନିଜ ପୁତ୍ରକନ୍ୟାମାନଙ୍କୁ ବାଲ୍ୟାବସ୍ଥାରୁ ସତ୍‌ଶିକ୍ଷା ଦିଅନ୍ତି ତେବେ ସେମାନେ ଭବିଷ୍ୟତରେ ଉତ୍ତମ ମହିଳା ତଥା ଉତ୍ତମ ପୁରୁଷ ହୋଇପାରନ୍ତି । ଉପଦେଶକୁ ସନ୍ତାନସନ୍ତତିମାନେ ଅଧିକ ଗ୍ରହଣ କରିପାରନ୍ତି ନାହିଁ, ଅଧିକ ପରିମାଣରେ ଗ୍ରହଣ କରନ୍ତି ପିତାମାତାଙ୍କ ଆଚରଣକୁ । ନିଜ ସନ୍ତାନସନ୍ତତିଙ୍କ ଜୀବନକୁ ସରସ ସୁନ୍ଦର କରି ଗଢ଼ିବା ସକାଶେ ପିତାମାତା ସତ୍-ଆଚରଣ କରିବା ଉଚିତ । ଅଧ୍ୟାତ୍ମ ସାଧନା ଦ୍ୱାରା ସତ୍‌ସ୍ୱରୂପ ଭଗବାନଙ୍କୁ ଉପାସନା କଲେ ବ୍ୟକ୍ତି ସଦ୍‌ଗୁଣ ପ୍ରାପ୍ତ କରିପାରେ ।

## ଦ୍ୱିତୀୟ ଭାଗ

# ବ୍ୟବସାୟ

ଜୀବନରେ କର୍ମ ହେଉଛି ଅପରିହାର୍ଯ୍ୟ । ମନୁଷ୍ୟ କର୍ମଛଡ଼ା ଏକ କ୍ଷଣ ରହିପାରେ ନାହିଁ । ଗାର୍ହସ୍ଥ୍ୟ ଧର୍ମରେ କର୍ମ ବ୍ୟତୀତ ଜୀବନ ନିରର୍ଥକ, ଗୋଟିଏ ନିର୍ଜୀବ କାଠର ମୂର୍ତ୍ତି ସଦୃଶ । କର୍ମର ଦୁଇଟି ଧାରା ଅଛି । ସତ୍ୟଭାବଯୁକ୍ତ ଯଥାର୍ଥ ବିଧାନରେ ଆଚରଣ କଲେ କର୍ମ ନିଜ ଜୀବନକୁ ସମୃଦ୍ଧିଶାଳୀ, ସୁଖମୟ କରି ତୋଳେ ଏବଂ ଜୀବନର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରାଇ ଜନ୍ମ-ମରଣ ମହାନ୍ ଦ୍ୱନ୍ଦ୍ୱରୁ ମୁକ୍ତ କରିଦିଏ । ସେହି କର୍ମ ଅସତ୍ୟ, ଅନ୍ୟାୟ ସ୍ୱାର୍ଥସିଦ୍ଧି ସକାଶେ ଅବିଧିପୂର୍ବକ ଆଚରଣ କଲେ ତାହା ଜୀବନକୁ ଶୋକଯୁକ୍ତ, ଦ୍ୱନ୍ଦ୍ୱମୟ ଓ ଦୁଃଖ-ଯାତନାପୂର୍ଣ୍ଣ କରେ, ପରିଣାମରେ ଜନ୍ମ-ମରଣ ଚକ୍ରରେ ଘୂରାଉଥାଏ । ଗାର୍ହସ୍ଥ୍ୟାଶ୍ରମର କର୍ମମାନଙ୍କ ମଧ୍ୟରୁ ବ୍ୟବସାୟ ହେଉଛି ଅନ୍ୟତମ ।

ବ୍ୟବସାୟୀମାନଙ୍କୁ ଅତୀତର ପୌରାଣିକ ଯୁଗରେ 'ସାଧୁ' ବା 'ସାଧବ' ନାମରେ ସମ୍ବୋଧନ କରାହୋଇଛି । କାରଣ ବ୍ୟବସାୟର ଉଦ୍ଦେଶ୍ୟ ହେଉଛି ଅନ୍ୟକୁ ସୁଖସୁବିଧା ଦେବା, ଅନ୍ୟର ହିତସାଧନ କରିବା । ଯେଉଁ ବସ୍ତୁର ଅଭାବ ଥାଏ, ଅନ୍ୟ ସ୍ଥାନରୁ ସେହି ବସ୍ତୁକୁ ଆଣି ସେଠିକାର ଲୋକଙ୍କୁ ଯୋଗାଇଦେବା ଏବଂ ସେଠିକାର ଉତ୍ପନ୍ନ ଦ୍ରବ୍ୟକୁ ଅନ୍ୟ ସ୍ଥାନରେ ପହଞ୍ଚାଇଦେବା । ବ୍ୟବସାୟୀର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଅନ୍ୟର ହିତସାଧନ । ଅନ୍ୟର ହିତସାଧନ ନିହିତ ଥିବା କର୍ମର ନାମ ଯଥାର୍ଥରେ କର୍ମ, ଅନ୍ୟଥା ପୁରାଣରେ କର୍ମକୁ କୁକର୍ମ ସଂଜ୍ଞା ଦିଆହୋଇଛି । କର୍ମ ସ୍ୱୟଂ ଦୂଷିତ ନୁହେଁ, ତାହା କର୍ତ୍ତାର ଭାବ ଅନୁସାରେ ଦୋଷଯୁକ୍ତ ବା ପବିତ୍ର ହୁଏ । ଭଗବତ୍ ପ୍ରାପ୍ତିକାମୀ ଅଧ୍ୟାତ୍ମ ସାଧକମାନେ ରହିବାକୁ ଗୃହ ନିର୍ମାଣ, ଭୋଜନ ସକାଶେ କୃଷି, ବାଣିଜ୍ୟ ଇତ୍ୟାଦି କର୍ମ କରନ୍ତି ଏବଂ ସେହି କର୍ମ ଦ୍ୱାରା ସଂସାରର ମୋହ, ଆସକ୍ତି, ଦୁଃଖ, ଦ୍ୱନ୍ଦ୍ୱ, ଜନ୍ମ, ମରଣ ଯନ୍ତ୍ରଣାରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ ପ୍ରାପ୍ତ କରନ୍ତି । ଠିକ୍ ସେହି କର୍ମ ସଂସାରୀ ବ୍ୟକ୍ତି ଆଚରଣ କରି ଫଳଭୋଗ କରିବା ସକାଶେ ଜନ୍ମମରଣ ଦୁଃଖଦ୍ୱନ୍ଦ୍ୱରେ ଭ୍ରମୁଥାଆନ୍ତି । ସେହି ଏକହି କର୍ମ ଅଧ୍ୟାତ୍ମ ସାଧକମାନଙ୍କର ମୁକ୍ତିର ସାଧନ ହୁଏ, ସଂସାରୀ ଲୋକଙ୍କର ବନ୍ଧନର କାରଣ ହୁଏ । ଯଥାର୍ଥରେ କର୍ମ ସ୍ୱୟଂ ବନ୍ଧନ କିଂବା ମୁକ୍ତିର କାରଣ ନୁହେଁ, କାରଣ ହେଉଛି ମନୁଷ୍ୟର ଭାବ । ବ୍ୟକ୍ତି ଭଗବତ୍ ସେବା ଓ ସମର୍ପଣରୂପେ କର୍ମ କଲେ କିଂବା ଭଗବାନଙ୍କ ଯନ୍ତ୍ର ହୋଇ ଅହଂ ସ୍ୱାର୍ଥ ତ୍ୟାଗ କରି ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ କଲେ ସେ ସମସ୍ତ ପ୍ରକାର କର୍ମବନ୍ଧନରୁ ମୁକ୍ତ ହୋଇ ଭଗବତ୍‌ପ୍ରାପ୍ତି କରେ । ଏପରିକି ହନୁମାନ ଓ ଅର୍ଜୁନଙ୍କ ତୁଲ୍ୟ କ୍ରୂର ସଂହାର କର୍ମ କରି ମଧ୍ୟ ବ୍ୟକ୍ତି କର୍ମଫଳରୁ ସର୍ବଦା ମୁକ୍ତ ରହେ । କିନ୍ତୁ ବ୍ୟବସାୟ ଯୁଦ୍ଧସଦୃଶ କ୍ରୂର କର୍ମ ନୁହେଁ, ତାହା ପରୋପକାର ସକାଶେ ଆଚରିତ ହୁଏ । ତେଣୁ ତାହା ସ୍ୱତଃ ପବିତ୍ର । ସେହି ସକାଶେ ପୁରାଣରେ ବ୍ୟବସାୟୀକୁ 'ସାଧୁ' ଅଥବା 'ସାଧବ' କୁହାଯାଇଛି ।

## ଧନରୁ ପାପ

ଏହିପରି ପୁଣ୍ୟ, ସାତ୍ତ୍ୱିକ, ପରହିତ ସାଧନଯୁକ୍ତ କର୍ମ ଆଜି ପରର ରକ୍ତଶୋଷଣ କାର୍ଯ୍ୟରେ ପରିଣତ ହୋଇଛି । ଏପରିକି ଖାଦ୍ୟଦ୍ରବ୍ୟ, ଯଥା – ଗହମ ଅଟାରେ ମାଣ୍ଡିଆ, ଯବ ଓ ବାଜରା ଅଟା; ଘିଅରେ ପଶୁଚର୍ବି, ମାଛତେଲ, ସାପଚର୍ବି; ଚାଉଳରେ ଗୋଡ଼ି, ଔଷଧରେ ପାଣି ମିଶା ହେଉଛି । ବାଲିରେ ଯଥାର୍ଥ ପରିମାଣରେ ସିମେଣ୍ଟ୍ ଦିଆ ନ ହେବାରୁ କଲେଜ ଘରର ଛାତ ଭାଙ୍ଗି ପ୍ରଫେସର୍ ତଥା ଛାତ୍ରମାନଙ୍କ ଜୀବନ ନଷ୍ଟ ହେଉଛି । ଦେଶହିତ ସାଧନ ସକାଶେ

ସରକାରଙ୍କଠାରୁ ଠିକା ନେଇ ଯେଉଁ କାର୍ଯ୍ୟ କରାହେଉଛି, ଠିକାଦାର ବିଲ୍ ପାଇବା ପରେ ପରେ ସେ କାର୍ଯ୍ୟ ନଷ୍ଟ ହେଉଛି; ଫଳରେ ସରକାରଙ୍କୁ ପୁନରାୟ ଦୁଇଗୁଣ ଖର୍ଚ୍ଚ କରିବାକୁ ହେଉଛି । ମନୁଷ୍ୟ ମଧ୍ୟରେ ଅସତ୍ ପ୍ରକୃତି ହେତୁ ସେ ଅସଦୁପାୟରେ ଧନ ଉପାର୍ଜନ କରୁଛି । ଅସତ୍ ମାର୍ଗରେ ଉପାର୍ଜିତ ଧନ ଆରାମ-ଅୟସ, ନାମ-ଯଶଃ ପ୍ରାପ୍ତି ମାର୍ଗରେ ଅପବ୍ୟୟ ହେବାରୁ ବ୍ୟକ୍ତିର ପ୍ରାଣ ଅଧିକ ମଳିନ ହେଉଛି । ''ଆତ୍ମା ସଂଜାୟତେ ପୁତ୍ରଃ'' ଅର୍ଥାତ୍ ପୁତ୍ର ନିଜର ଆତ୍ମାରୂପ, ପିତାର ଗୁଣ ପୁତ୍ର କନ୍ୟାଙ୍କୁ ପ୍ରାପ୍ତ ହେବା ସ୍ୱାଭାବିକ । ପିତାର ଦୁର୍ଗୁଣକୁ ପୁତ୍ର ପୈତୃକ ସମ୍ପତ୍ତିରୂପେ ପାଏ; ବାତାବରଣର ସହାୟତାରେ ବୃଦ୍ଧି ହୋଇ ପିତାଠାରୁ ପୁତ୍ର ବଳିପଡ଼େ । ପିତାର ପ୍ରାଣ ମଳିନ ଯୋଗୁଁ ସେ ଧନ ଅପବ୍ୟୟ କଲେ ମଧ୍ୟ ନିଜେ ପରିଶ୍ରମ କରିଥାଏ ବୋଲି ଧନ ପ୍ରତି ଆସକ୍ତି ଥାଏ, ସେଥିପାଇଁ ସେ ଖର୍ଚ୍ଚରେ କେତେକ ପରିମାଣରେ ସଂଯମ ରକ୍ଷାକରେ । କିନ୍ତୁ ସନ୍ତାନମାନେ ବିନା ପରିଶ୍ରମରେ ଧନର ଅଧିକାରୀ ହୋଇ ନିଜ ସାଂସାରିକ ଭୋଗ-ବିଳାସରେ ମୁକ୍ତହସ୍ତରେ ବ୍ୟୟ କରନ୍ତି । ପରେ ଏହି ଭୋଗ ବିଳାସପୂର୍ଣ୍ଣ ଜୀବନଯାପନ ପ୍ରଣାଳୀ ଏପରି ଅଭ୍ୟାସରେ ପରିଣତ ହୁଏ ଯେ ସେଥିସକାଶେ ସେମାନେ ସତ୍, ଅସତ୍, ଚୋରି ଆଦି କୁକର୍ମ ଦ୍ୱାରା କୌଣସି ଉପାୟରେ ଧନପ୍ରାପ୍ତି କରିବାକୁ ବାଧ୍ୟ ହୁଅନ୍ତି । ମନୁଷ୍ୟ ଧନର ମଦାନ୍ଧ ହୋଇ ନାନା ପ୍ରକାର ଅବିହିତ କର୍ମ କରି ନିଜେ ମାନସିକ ଅଶାନ୍ତି, ଦ୍ୱନ୍ଦ୍ୱ, ଦୁଃଖାଦି ଯନ୍ତ୍ରଣା ଭୋଗେ ଏବଂ ନିଜ ଦୋଷରୁ ସନ୍ତାନମାନଙ୍କ ଦୁର୍ଗୁଣ ବୃଦ୍ଧି ହୁଏ । ଏହି ସକାଶେ ଶାସ୍ତ୍ର ଧନକୁ ପାପର ମୂଳ କାରଣ ବୋଲି କହିଅଛି ।

## ଧନରେ ଧର୍ମ

ଧନ ଯଥାର୍ଥରେ ପାପର ମୂଳ କାରଣ ନୁହେଁ । ଧନ ଦ୍ୱାରାହିଁ ଧର୍ମ କରାଯାଏ ଯଦି ଧନ ସନ୍ମାର୍ଗରେ ଉପାର୍ଜନ କରାଯାଇ ପାରେ । ସତ୍‌ମାର୍ଗରେ ଉପାର୍ଜିତ ଧନ ଯଥାର୍ଥ ଏବଂ ସତ୍ୟ ପରମାର୍ଥିକ କାର୍ଯ୍ୟରେ ଖର୍ଚ୍ଚ ହୁଏ । ମନୁଷ୍ୟର ସତ୍‌ମାର୍ଗରେ ଧନ ଉପାର୍ଜନ କରିବାର ପ୍ରବୃତ୍ତି ତେବେ ହୁଏ ଯେବେ ତାହାର ହୃଦୟ, ମନ ପବିତ୍ର ଏବଂ ବିବେକଯୁକ୍ତ ଥାଏ । ଏହା ହୁଏ ଅଧ୍ୟାତ୍ମ ମାର୍ଗରେ ସମସ୍ତ ଭଗବତ୍ ସେବାରୂପେ କରି ଭଗବାନଙ୍କୁ ସମର୍ପଣ କରିବାରେ ।

ଯଥାର୍ଥରେ ସଂସାର ଏବଂ ସଂସାରର ସମସ୍ତ କର୍ମ ଭଗବାନଙ୍କର । ମନୁଷ୍ୟ ଏହି ସଂସାରକୁ ଆସିଛି ଏହି ଜ୍ଞାନ ପ୍ରାପ୍ତ କରି ସମସ୍ତ କର୍ମ ଭଗବତ୍ ପୂଜାରୂପେ କରି ନିଜ ଲକ୍ଷ୍ୟ ପରମାନନ୍ଦ ପରମେଶ୍ୱରଙ୍କୁ ପ୍ରାପ୍ତ କରିବା ସକାଶେ । ସେ ନିଜକୁ ଧନର ମାଲିକ ଏବଂ ବ୍ୟବସାୟର କର୍ତ୍ତା ବୋଲି ନ ମାନି ଭଗବାନଙ୍କୁ ସକଳର ମାଲିକ ବୋଲି ମାନିବ । ନିଜେ ସେବକରୂପେ ଭଗବତ୍ ସେବା ଉଦ୍ଦେଶ୍ୟରେ କର୍ମ କରି ଭଗବାନଙ୍କୁ ସମର୍ପଣ କରିବ । ଭାବିବ ଯେ ଭଗବାନ୍ ତାକୁ ଏହି ସେବା ଦେଇଅଛନ୍ତି । ଏହାର ସରଳ ସାଧନ ନିମ୍ନରେ ଆଲୋଚନା କରାହେଲା ।

## ସରଳ ପ୍ରଣାଳୀ

(୧) ବ୍ୟବସାୟ, ଅଫିସ୍ ଅଥବା ବ୍ୟବସାୟ କେନ୍ଦ୍ରରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖିବ । ପ୍ରତିଦିନ ଉଠିବା ସଙ୍ଗେ ସଙ୍ଗେ କିଛି ସମୟ ଧ୍ୟାନ କରି ପ୍ରାର୍ଥନା କରିବ, ''ଏହି ସମସ୍ତ ସମ୍ପତ୍ତି, ସମସ୍ତ କାର୍ଯ୍ୟ ତୁମର; ମୁଁ ତୁମର ସେବକ । କୃପାକରି ଏହି ଭାବନା ମୋ ଚେତନାରେ ପ୍ରତିଷ୍ଠା କର, ଯେପରି ତୁମ ପ୍ରେରଣାରେ ସତ୍ୟମାର୍ଗରେ ସମସ୍ତ କାର୍ଯ୍ୟ ତୁମ ସେବାରୂପେ ମୁଁ କରିପାରେ ।''

(୨) ଭଗବାନ୍ ସବୁ ସମୟରେ ତୁମ ସଙ୍ଗେ ରହିଅଛନ୍ତି, ତୁମର ସମସ୍ତ କାର୍ଯ୍ୟ ଦେଖୁଅଛନ୍ତି,– ଏ-ବିଷୟରେ ସଚେତନ ହୁଅ । କୌଣସି ବ୍ୟକ୍ତିକୁ ବସ୍ତୁ ଦେବା-ଆଣିବା ସମୟରେ ଉଚିତ ଦାମ୍ ତଥା ଉତ୍ତମ ବସ୍ତୁ ଦିଅ ଓ ନିଅ । ନିଜ ସକାଶେ ଅଥବା ପରିବାର ସକାଶେ ଖର୍ଚ୍ଚ କରିବା ସମୟରେ ତାହାକୁ ଭଗବାନଙ୍କ ଧନ ଜାଣି ଉଚିତ ମାତ୍ରାରେ

ଉଚିତ କାର୍ଯ୍ୟରେ ଖର୍ଚ୍ଚ କର । ଯାହା ଉପାର୍ଜନ କର ତହିଁରୁ କିଛି ଅଂଶ ଭଗବାନଙ୍କ କାର୍ଯ୍ୟରେ ଖର୍ଚ୍ଚ କର । ଶାସ୍ତ୍ର କହିଛି, ''ଯେଉଁ ଗୃହସ୍ଥ ଭଗବାନଙ୍କୁ ନ ଦେଇ ନିଜେ ଭୋଜନ କରେ, ସେ ଅନ୍ନ ସଙ୍ଗେ ପାପ ଭକ୍ଷଣ କରେ ।''

(୩) ଆଚରଣରେ ତଥା କଥାବାର୍ତ୍ତାରେ ସତ୍‌ପରାୟଣ ହେବା ଆବଶ୍ୟକ । ପ୍ରାରମ୍ଭିକ ଅବସ୍ଥାରେ ଏହା ବିଶେଷ ଅସୁବିଧା ସୃଷ୍ଟି କରିପାରେ; କିନ୍ତୁ ଦୃଢ଼ ସଙ୍କଳ୍ପ, ଦୃଢ଼ ନିଷ୍ଠା ରଖିଲେ ଏଥିରେ ଭଗବାନ୍ ସାହାଯ୍ୟ କରନ୍ତି । ଏହାକୁ ପାଳନ କଲେ ଜୀବନ ପବିତ୍ର ହୁଏ ଏବଂ ବ୍ୟବସାୟ ଉନ୍ନତ ହୁଏ । ଏହିପରି ଦୁଇଟି ସତ୍ୟ ଘଟଣା ଲକ୍ଷ୍ନୌ ଓ ବାରବଙ୍କିରେ ଘଟିଥିଲା ।

ପ୍ରାୟ ଅଶୀ ବର୍ଷ ପୂର୍ବର ଘଟଣା । ଜଣେ ସତ୍ୟବାଦୀ, ସଦାଚାରୀ ବ୍ୟକ୍ତି ଲକ୍ଷ୍ନୌରେ ବ୍ୟବସାୟ ଆରମ୍ଭ କଲେ । ସେ ସତ୍ୟ କହନ୍ତି ତଥା ଶୁଦ୍ଧ ବସ୍ତୁ ରଖନ୍ତି । ତାଙ୍କର ସମସ୍ତ ବସ୍ତୁର ନିର୍ଦ୍ଦିଷ୍ଟ ଦାମ୍ ଥାଏ । ଗ୍ରାହକମାନେ ଆସି ତାଙ୍କୁ ଦାମ୍ ପଚାରିଲେ ସେ ଠିକ୍ ଦାମ୍ କହିବା ପରେ ସେମାନେ ତାହାଠାରୁ କମ୍ ଦାମ୍‌ରେ ନେବାକୁ ଚାହାନ୍ତି । ନିର୍ଦ୍ଦିଷ୍ଟ ଦାମ୍ ଠିକ୍ ହୋଇଥିବ ବୋଲି ଖରଦି କରିବା ବ୍ୟକ୍ତି କଳ୍ପନା କରିପାରନ୍ତି ନାହିଁ । କୌଣସି ବସ୍ତୁ ଶୁଦ୍ଧ ହେବାରୁ ପାଖ ଦୋକାନରେ ତାହାର ଯାହା ଦାମ୍ ଥାଏ ତାହା ଅପେକ୍ଷା ଏହାଙ୍କ ଦୋକାନରେ ବେଶୀ ହୁଏ । ସେହି ଏକହିଁ ବସ୍ତୁକୁ ଗ୍ରାହକମାନେ ତାଙ୍କରି ପାଖ ଦୋକାନରୁ କମ୍ ଦାମରେ ନିଅନ୍ତି । ତାଙ୍କର ପଡ଼ୋଶୀ ଦୋକାନୀମାନେ ଏହାଙ୍କ ସତ୍ୟ ଆଚରିତ ବ୍ୟବସାୟକୁ ଅସଫଳ କରିବା ସକାଶେ ମିଥ୍ୟାରେ ଖରିଦଦାରକୁ କହନ୍ତି, ''ଆମ୍ଭେ କମ୍ ଦାମ୍‌ରେ ତୁମ୍ଭମାନଙ୍କୁ ଯେଉଁ ବସ୍ତୁ ଦେଉଛୁ, ସେହି ବସ୍ତୁ ଆମ୍ଭ ପାଖରୁ ନେଇ ସେ ଶୁଦ୍ଧ ବସ୍ତୁ କହି ତୁମ୍ଭମାନଙ୍କୁ ଠକି ଅଧିକ ପଇସା ନେଉଛି ।'' ଏ-କଥାକୁ ମଧ୍ୟ ଲୋକେ ବିଶ୍ୱାସ କରନ୍ତି ଏବଂ ସେହି ସାଧୁ ବ୍ୟବସାୟୀଙ୍କ ଦୋକାନରୁ କେହି କିଛି ଖର୍ଦ୍ଦି କରନ୍ତି ନାହିଁ । କିନ୍ତୁ ସେ ଥିଲେ ସତ୍ୟପ୍ରତିଜ୍ଞାରେ ଦୃଢ଼ । ନିଜର ସତ୍ୟ ଆଚରଣ ବିପତ୍ତିରେ ମଧ୍ୟ ଛାଡ଼ିଲେ ନାହିଁ । ବସ୍ତୁ ବିକ୍ରି ହେଉ ନ ଥାଏ, ଚାକର ରଖି ନ ଥା'ନ୍ତି, ନିଜେ ଦୋକାନରେ ସମସ୍ତ କର୍ମ କରନ୍ତି, କୌଣସି ବସ୍ତୁ ବିକ୍ରି ନ ହେବାରୁ ପଇସାର ଅଭାବ ଯୋଗୁଁ ଚାରି ପଇସାର ମୁଢ଼ି ଖାଇ ଦିନ କଟାନ୍ତି । କିଛିଦିନ ପରେ ତାଙ୍କ ସଙ୍ଗେ ଲୋକଙ୍କର ବ୍ୟବହାର ହେବାରୁ ଲୋକମାନେ ତାଙ୍କର ସତ୍ୟତା କ୍ରମଶଃ ବୁଝିପାରିଲେ ଏବଂ ଶେଷରେ ତାଙ୍କ ଦୋକାନରେ ଏପରି ବିକ୍ରି ହେଲା ଯେ ଅଳ୍ପଦିନ ଭିତରେ ଦୋକାନକୁ କେତେଗୁଣା ବଢ଼ାଇଦେବାକୁ ପଡ଼ିଲା ।

ଅନ୍ୟ ଗୋଟିଏ ଘଟଣା । ମୋର ଗୁରୁଦେବଙ୍କର ଜଣେ ଶିଷ୍ୟଙ୍କ ନାମ ଥିଲା ରାମଲାଲ । ସେ ବାରବଙ୍କିରେ ରହନ୍ତି । ତାଙ୍କର ବ୍ୟବସାୟ ମଧ୍ୟ ବାରବଙ୍କିରେ । ସେ ଠିକ୍ ଦାମ୍ କହନ୍ତି ଏବଂ ବସ୍ତୁ ଭଲ କି ମନ୍ଦ ତାହା ମଧ୍ୟ କହିଦିଅନ୍ତି । ସେ ଅତି ସାଧୁ ସ୍ୱଭାବର ବ୍ୟକ୍ତି । ବହୁତ ସମୟରେ ଦୋକାନ ବନ୍ଦ କରି ତୀର୍ଥମାନଙ୍କରେ ସାଧୁ ମହାତ୍ମାଙ୍କ ଦର୍ଶନ କରିବାକୁ ଚାଲିଯା'ନ୍ତି । ତାଙ୍କ ଦୋକାନ ବନ୍ଦ ଥିବା ସମୟରେ ତାଙ୍କ ଆସିବାକୁ ଲୋକେ ଅପେକ୍ଷା କରି ଅନ୍ୟ ଦୋକାନରୁ କାମ ଚଳିବା ଅନୁସାରେ କମ୍ ଖରିଦ କରୁଥା'ନ୍ତି । ସେ ଆସିଲେ ତାଙ୍କ ଦୋକାନରେ ଭିଡ଼ ଲାଗିଯାଏ ।

୧୯୬୨ ସାଲରେ ମୁଁ ଅଯୋଧ୍ୟା ଯିବା ସମୟରେ ତାଙ୍କ ସହିତ ମୋର ଦେଖା ହୋଇଥିଲା । ତାଙ୍କର ଅତ୍ୟନ୍ତ ଆଗ୍ରହ ଯୋଗୁଁ ତାଙ୍କ ରହିବା ସ୍ଥାନ ବାରବଙ୍କିକୁ ମୋତେ ଯିବାକୁ ହୋଇଥିଲା । ସେ ତାଙ୍କ ଘଟଣା କହୁଥିଲେ । ଇନ୍‌କମ୍ ଟାକ୍ସ ଅଧିକ ହୋଇଯିବାରୁ ବ୍ୟବସାୟୀମାନେ ଦୁଇଟି ହିସାବ ବହି ରଖିଲେ । ଯାହା ଯଥାର୍ଥରେ ବିକ୍ରି ହୁଏ ତାହା ନିଜେ ଜାଣିବା ସକାଶେ ଗୋଟିଏ ହିସାବ ବହି ଏବଂ ଅନ୍ୟଟି ଇନ୍‌କମ୍ ଟାକ୍ସ ଅଫିସରଙ୍କୁ ଦେଖାଇବା ସକାଶେ । ରାମଲାଲଙ୍କୁ କେତେଜଣ ବ୍ୟବସାୟୀ ସେହିପରି କରିବାକୁ ପରାମର୍ଶ ଦେଲେ । କିନ୍ତୁ ସେ କାହାରି ପରାମର୍ଶ ନ ଶୁଣି ଯାହା ବିକ୍ରି ହୁଏ ତାହା ସତ୍ୟ ସତ୍ୟ ଲେଖିଲେ । ବାରବଙ୍କି ବ୍ୟବସାୟୀମାନଙ୍କର ଇନ୍‌କମ୍ ଟାକ୍ସର କେସ୍ ହେଲା । ସମସ୍ତେ ନିଜ ନିଜ ମୋକଦ୍ଦମାରେ ବିକ୍ରିର ହିସାବ ଦାଖଲ କଲେ ଏବଂ ସପକ୍ଷରେ ଲଢ଼ିବାକୁ ଓକିଲ ଦେଲେ । ଅଫିସର ସେମାନଙ୍କ ବକ୍ତବ୍ୟ ତଥା ଓକିଲଙ୍କ ଯୁକ୍ତି ଶୁଣିବା ପରେ ସେମାନଙ୍କ ହିସାବର ଦୁଇଗୁଣା, ତିନିଗୁଣା ହିସାବରେ ଇନ୍‌କମ୍ ଟାକ୍ସ ନିର୍ଦ୍ଧାରିତ କରିଦେଲେ । ସର୍ବଶେଷରେ ରାମଲାଲଙ୍କୁ ଡାକରା ହେଲା । ଅଫିସର ପଚାରିଲେ, ''ତୁମର କେହି ଓକିଲ ଅଛନ୍ତି କି ?'' ସେ କହିଲେ, ''ନାହିଁ ହଜୁର ।'' ଅଫିସର ପଚାରିଲେ ''ତୁମ ବିକ୍ରୀ ହିସାବର କେତୋଟି ଖାତା

କର ?'' ରାମଲାଲ କହିଲେ, ''ମୁଁ ବିଶେଷ ଲେଖାପଢ଼ା ଜାଣେ ନାହିଁ, ହଜୁରଙ୍କ ହାତରେ ଯେଉଁ ଖାତା, ମୋର ସେହି ଏକମାତ୍ର ଖାତା ।'' ''ତୁମେ ଯାହା ଲେଖିଛ, ତାହାର ଦୁଇଗୁଣ ହିସାବରେ ଇନ୍‌କମ୍ ଟାକ୍ସ ନିର୍ଦ୍ଧାରିତ କରୁଛି ।''– ଏହା ମୁଖରେ କହି ନ ଲେଖି ଅଫିସର ଗମ୍ଭୀରଭାବେ କିଛି ବିଚାର କରିବାକୁ ଲାଗିଲେ । ବୋଧହୁଏ ରାମଲାଲଙ୍କ କଥାରେ ତାଙ୍କର ଅବିଶ୍ୱାସ ହେଉ ନ ଥିଲା । ଜଣେ ଓକିଲ ତାଙ୍କର ଗୋଟିଏ ଫାଇଲ୍ ଅଫିସରଙ୍କ ଟେବୁଲ ଉପରେ ଭୁଲ୍‌ରେ ଛାଡ଼ି ଯାଇଥିଲେ, ତାକୁ ନେବାକୁ ସେହି ସମୟରେ ଆସିଗଲେ । ଅଫିସର ଇଂରାଜୀରେ ଅନତି ସ୍ୱରରେ ଓକିଲଙ୍କୁ କିଛି ପଚାରିଲେ । ଓକିଲ ମଧ୍ୟ ଉତ୍ତର ଦେଲେ । ପରେ ଜଣାଗଲା ଯେ ଅଫିସର ତାଙ୍କୁ ପଚାରିଥିଲେ, ''ଏହି ବ୍ୟକ୍ତି କ'ଣ ସତ୍ୟବାଦୀ ?'' ଓକିଲ କହିଥିଲେ, ''ବାରବଙ୍କି ସହରରେ ଏହି ଏକହିଁ ବ୍ୟକ୍ତି ସତ୍ୟରେ ବ୍ୟବସାୟ କରନ୍ତି ।'' ଓକିଲ ଚାଲିଯିବା ପରେ ଅଫିସର ରାମଲାଲଙ୍କୁ ପଚାରିଲେ, ''ତେଲ ସାବୁନ୍ ବିକ୍ରିର ହିସାବ ଏହି ଖାତାରେ ଲେଖାଅଛି କି ?'' ରାମଲାଲ ଉତ୍ତର ଦେଲେ, ''ହଁ ହଜୁର, ଏଥିରେ ଲେଖା ଅଛି ।'' ରାମଲାଲ ଲେଖିଥିବା ହିସାବରୁ ତେଲ, ସାବୁନ୍‌ର ଦାମ୍ ଅନୁମାନରେ ବାଦ୍ ଦେଇ ବାକି ବିକ୍ରି ଉପରେ ଟାକ୍ସ ନିର୍ଦ୍ଧାରିତ କରିଦେଲେ । ଉତ୍ତର ପ୍ରଦେଶରେ ତେଲ ସାବୁନ୍‌ରେ ଟାକ୍ସ ପଡ଼େ ନାହିଁ ।

ଯଥାର୍ଥରେ ବ୍ୟକ୍ତି ସତ୍ୟ ବ୍ୟବହାର କଲେ ତାକୁ ସତ୍ୟ ବରାବର ସାହାଯ୍ୟ କରେ । ମନୁଷ୍ୟ ଯଥାର୍ଥ ସତ୍ୟ ବରାବର ବ୍ୟବହାର ନ କରି ସତ୍ୟର ଅଭିନୟ କରେ, ସେ ସକାଶେ ସଫଳ ହୋଇପାରେ ନାହିଁ । କେବଳ ବ୍ୟବସାୟ ନୁହେଁ, ଯେକୌଣସି କର୍ମ ସତ୍ୟ, ନ୍ୟାୟ, ଭଗବତ୍ ସେବା ଭାବରେ କଲେ ମନୁଷ୍ୟ ସେହି କର୍ମ ଦ୍ୱାରା ସୁଖ, ଶାନ୍ତି ପରମାନନ୍ଦସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ କରି ଜନ୍ମ-ମରଣ, ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ମନୁଷ୍ୟ ଏହା କରିପାରେ ଭଗବାନଙ୍କ ପ୍ରତି ବିଶ୍ୱାସ ଭରସା ରଖି ଭଗବାନଙ୍କୁ ଭକ୍ତି କଲେ । ଭଗବତ୍ ଭକ୍ତି ଦ୍ୱାରା ମନୁଷ୍ୟର ବୁଦ୍ଧି ଶୁଦ୍ଧ ହୁଏ, ଉଚିତ ଅନୁଚିତ କର୍ମ ଜାଣିବାର ବିବେକ ଉତ୍ପନ୍ନ ହୁଏ ।

## ନେତା, ଅଫିସର୍ ଓ ସାଧାରଣ କର୍ମଚାରୀ

ଦେଶ ଭଗବାନଙ୍କ ସ୍ୱରୂପ । ଏହି ମନୋଭାବରେ ବ୍ୟକ୍ତି ଦେଶସେବା କଲେ ସେ ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି, ପରମାତ୍ମାଙ୍କୁ ପ୍ରାପ୍ତ କରି ଜାଗତିକ ଦୁଃଖକଷ୍ଟ, ଜନ୍ମ-ମରଣ ମହାନ୍ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ । କିନ୍ତୁ ବ୍ୟକ୍ତିର ନିଜ କର୍ତ୍ତବ୍ୟ ଯେଉଁ ଦେଶସେବା, ଯାହା ଭଗବତ୍‌ପ୍ରାପ୍ତିର ଉପାୟ, ତାହା ସକାଶେ ସେ ସଚେତନ ନ ହୋଇ ଏହି ପବିତ୍ର ଦେଶସେବାର ଭାବକୁ ବିକୃତ କରି ନିଜ ଏବଂ ପରିବାରର ସୁଖ-ସୁବିଧା, ଆରାମ-ଅୟସରେ ପ୍ରୟୋଗ କରେ । ତାହାଦ୍ୱାରା ନିଜର ମଙ୍ଗଳ କିଂବା ପରିବାରର ଯଥାର୍ଥ କଲ୍ୟାଣ ସାଧିତ ହୁଏ ନାହିଁ; ଦେଶର ଉନ୍ନତିରେ ମଧ୍ୟ ବାଧାପଡ଼େ । ଯେଉଁ ଦେଶସେବା କର୍ମ ଦ୍ୱାରା ବ୍ୟକ୍ତି ପରମ ସୁଖ ପ୍ରାପ୍ତ କରିପାରି ଥାଆନ୍ତା, ଯଥାର୍ଥ ପ୍ରଣାଳୀରେ ଆଚରିତ ନ ହେବାରୁ ତାହା ବନ୍ଧନ ତଥା ଦୁଃଖର କାରଣ ହୁଏ ।

ଅଧିକାଂଶ ଦେଶନେତା, ଦେଶସେବକମାନେ ନିଜ ଅଧିକାର ପ୍ରାପ୍ତ କରିବା ଉଦ୍ଦେଶ୍ୟରେ, ନିଜ ଦଳ ନିଜ ପକ୍ଷରେ ରଖିବା ସକାଶେ ନିଃସ୍ୱାର୍ଥ ଦେଶସେବା ଭାବ ଛାଡ଼ି ନ୍ୟାୟ ଅନ୍ୟାୟରେ, କଳ କୌଶଳରେ ବ୍ୟବସାୟୀମାନଙ୍କଠାରୁ ଅର୍ଥ ଗ୍ରହଣ କରି ନିଜ ଦଳକୁ ମଜଭୁତ୍ କରନ୍ତି; ଏବଂ ନିଜ ପରିବାରକୁ ତଥା ନିଜକୁ ଆରାମ ଅୟସରେ ରଖନ୍ତି ତଥା ନିଜର ମାନ ପ୍ରତିଷ୍ଠା ବୃଦ୍ଧି ହେବା କାର୍ଯ୍ୟରେ ଲଗାନ୍ତି । ଯେଉଁ ବେପାରୀମାନେ ଅର୍ଥ ଦିଅନ୍ତି, ସେମାନେ କଳାବଜାରରେ, ଦେଇଥିବା ଅର୍ଥର କେତେଗୁଣ ଆଦାୟ କରିନିଅନ୍ତି । ବେପାରୀ ତଥା ନେତାମାନଙ୍କ ସୁଖସୁବିଧା ପାଇଁ ଯେଉଁ ଦେଶବାସୀଙ୍କୁ ଜନତା-ଜନାର୍ଦ୍ଦନରୂପେ ସେବା କରାହୋଇ ଥା'ନ୍ତା, ତା' ପରିବର୍ତ୍ତେ ସେମାନଙ୍କ ରକ୍ତ ଶୋଷଣ କରା ହେଉଅଛି । ସାଧାରଣ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାଂଶ ବଡ଼ ବଡ଼ ଅଫିସରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରକାଶ୍ୟରେ କିଂବା ଅପ୍ରକାଶ୍ୟରେ ରିସ୍‌ପତ୍ ନିଅନ୍ତି । ସେମାନେ ଯୁକ୍ତି କରନ୍ତି, ''ଆମ୍ଭେମାନେ ଯେଉଁ ସମାଜରେ ଅଛୁ ସେଠାରେ

ଏତେ ଅଳ୍ପ ଟଙ୍କାରେ ଚଳିବୁ କିପରି ? ଆମ୍ଭମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା ରିସ୍‌ପତ୍ ନେବାକୁ ଆମ୍ଭମାନଙ୍କୁ ବାଧ କରେ ।'' ଅଫିସରମାନେ କହନ୍ତି, ''ଆମ୍ଭର ଏତୋଟି ସନ୍ତାନ ପଢୁଅଛନ୍ତି, ଆମ୍ଭର ମିତ୍ର ଓ ବନ୍ଧୁବାନ୍ଧବଙ୍କ ସମାନ ସ୍ତରରେ ରହିବା ସକାଶେ ଭଲ ଘର, ସବାରି ଆବଶ୍ୟକ । ସେହି ଅନୁସାରେ ବ୍ୟବହାର, ଭୋଜନ ତଥା ପୋଷାକ ମଧ୍ୟ ଆବଶ୍ୟକ । ଘରର ଆସବାବ, ସ୍ତ୍ରୀର ଶାଢ଼ି, ତେଲ, ପାଉଡ଼ର ନ ହେଲେ କାମ ଚଳେ ନାହିଁ । ଆମ୍ଭେ ଯେତେ ବେତନ ପାଉ ତାହା ଅପେକ୍ଷା ଅଧିକ ଖର୍ଚ୍ଚ ହୁଏ । ଏହାଛଡ଼ା ଝିଅମାନଙ୍କର ବିବାହ ଗୋଟିଏ ଆପଦ । ପୁଅମାନେ ନିଜକୁ ନିଲାମ ଡାକନ୍ତି । ଏପରି ଅବସ୍ଥାରେ ରିସ୍‌ପତ୍ ନ ନେଲେ କାମ କିପରି ଚଳିବ ?'' ଛୋଟରୁ ବଡ଼ ଅଧିକାଂଶ ଅଫିସରଙ୍କର ଏହି ଯୁକ୍ତି । ସେମାନେ ପ୍ରକାଶ୍ୟରେ ନ କହିଲେ ମଧ୍ୟ ସେମାନଙ୍କ ମନୋଭାବ ଏହିପରି ।

ଏହି ଯୁକ୍ତି ଠିକ୍ ନୁହେଁ । ଯେଉଁ ଇମାନଦାର କିରାଣିମାନେ ଦେଢ଼ଶହ ଟଙ୍କା ବେତନ ପାଆନ୍ତି, ସେମାନେ କିପରି ଚଳନ୍ତି ? ଇମାନଦାର ମାଷ୍ଟରମାନଙ୍କର ରିସ୍‌ପତ୍ ନେବାର କୌଣସି ବାଟ ନ ଥାଏ, ସେମାନେ ତ' ଅଚଳ ରହନ୍ତି ନାହିଁ ? ବଡ଼ ବଡ଼ ବ୍ୟବସାୟୀମାନଙ୍କର ବହୁତ ଧନ ଅଛି । ତୁମର ଉପର ପାହ୍ୟାର ଅଫିସରମାନେ ଦୁଇ ତିନି ହଜାର ଟଙ୍କାର ବେତନ ପାଇ ତୁମ ଅପେକ୍ଷା ଅଧିକ ଜାକଜମକରେ ରହନ୍ତି । କେତେକ ବ୍ୟକ୍ତି ପ୍ରକାଶ୍ୟରେ ରିସ୍‌ପତ୍ ନ ନେଲେ ମଧ୍ୟ ଭେଟିରୂପେ ନାନାପ୍ରକାର ବସ୍ତୁ ଗ୍ରହଣ କରନ୍ତି । ସେମାନଙ୍କ ଅବସ୍ଥା, ଆରାମ ଅୟସକୁ ତୁମେ କେତେଦୂର ପସନ୍ଦ କର ତଥା ସମ୍ମାନ କର ? ଯଥାର୍ଥରେ ମନୁଷ୍ୟର ବାହ୍ୟ ଆଡ଼ମ୍ବର, ଭଲ ଘର, ଭଲ ସବାରି, ଭଲ ଆସବାବ, ଭଲ ପୋଷାକର କୌଣସି ସମ୍ମାନ ହୁଏ ନାହିଁ, ସମ୍ମାନ ହୁଏ ସଚ୍ଚରିତ୍ର, ସଦ୍‌ଗୁଣର । କୌଣସି ବ୍ୟକ୍ତିର ବାହ୍ୟ ଜାକଜମକ ନ ଥାଇ ସେ ଯଦି ନ୍ୟାୟପରାୟଣ ଓ ସଦାଚାରୀ ହୋଇଥା'ନ୍ତି, ତେବେ ତାଙ୍କ ପ୍ରତି ସ୍ୱତଃ ସମ୍ମାନ, ଆଦର, ଭକ୍ତିଭାବରେ ମସ୍ତକ ନତ ହୁଏ । ତାଙ୍କୁ ଦେଖିବା ମାତ୍ରେ ତାଙ୍କ ପ୍ରତି ଶ୍ରଦ୍ଧା ଉତ୍ପନ୍ନ ହୁଏ ଏବଂ ହୃଦୟ ପ୍ରସନ୍ନ ହୁଏ । ସଦ୍‌ଗୁଣରହିତ ବଡ଼ ଅଫିସର କିଂବା ସମାଜରେ ବଡ଼ଲୋକ ବୋଲାଉଥିବା ବ୍ୟକ୍ତିଙ୍କୁ ଦେଖି ସାମାଜିକ ନିୟମ ଅନୁସାରେ ବାହାରେ ଶୁଖିଲା ହସରେ ହାତ ଯୋଡ଼ିଦିଅ, କିନ୍ତୁ ଅନ୍ତରରେ ଘୃଣା କର କିଂବା ମନେ ମନେ ଚାରୋଟି ଗାଳିଦିଅ । ଯଥାର୍ଥରେ ମନୁଷ୍ୟର ଆଦର ସମ୍ମାନ ହୁଏ ସଦ୍‌ଗୁଣରେ, ବାହ୍ୟ ଜାକଜମକରେ ନୁହେଁ । ସଦ୍‌ଗୁଣରେହିଁ ମନୁଷ୍ୟ ସୁଖଶାନ୍ତିରେ ରହିପାରେ ।

## ଅଳ୍ପ ଖର୍ଚ୍ଚରେ ସୁଖଶାନ୍ତିରେ ରହିବାର ଉପାୟ

(୧) ଘରେ ରୋଷେଇ ନିମିତ୍ତ ଚାକର ରଖ ନାହିଁ । ସ୍ତ୍ରୀ ରୋଷେଇ କରିବେ ଏବଂ ଘରକାର୍ଯ୍ୟ କରିବେ । ଯେଉଁ ଚାକରାଣୀ ତୁମ ଘରେ କାର୍ଯ୍ୟ କରେ, ତୁମ ଘରକାର୍ଯ୍ୟ ଶେଷ କରିବା ପରେ ତା' ନିଜ ଘରେ ରୋଷେଇ କରେ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରେ । ଚାକରାଣୀ ଯଦି ଏତେ କାର୍ଯ୍ୟ କରିପାରେ, ତୁମ ସ୍ତ୍ରୀ କରିପାରିବେ ନାହିଁ କାହିଁକି ? ନିଜ ସ୍ତ୍ରୀ ଘରକାର୍ଯ୍ୟ କଲେ ତାଙ୍କ ନିଜର ଶାରୀରିକ ପରିଶ୍ରମ ଯୋଗୁଁ ଶରୀର ସୁସ୍ଥ ରହିବ, ରୋଗ ହେବ ନାହିଁ, ଔଷଧ ଖର୍ଚ୍ଚ ବଞ୍ଚିଯିବ । କାର୍ଯ୍ୟରେ ଲାଗି ରହିଲେ ଦୁର୍ଶ୍ଚିନ୍ତା ଆସିବ ନାହିଁ, ମନ ପ୍ରସନ୍ନ ରହିବ । ଭଗବତ୍ ସେବା ଭାବରେ ଘରକାମ ଏବଂ ରୋଷେଇ କରିବା ଦ୍ୱାରା ଘରର ବାତାବରଣ ଶୁଦ୍ଧ ରହିବ । ପିଲାମାନେ ସ୍କୁଲକୁ ଚାଲିକରି ଗଲେ ସେମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ତୁମେ ଅଫିସକୁ ଚାଲିକରି ଯିବା ଆସିବା କରିବା ଫଳରେ ଷାଠିଏ ବର୍ଷ ବୟସରେ ବାଡ଼ି ଧରି ଚାଲିବାକୁ ହେବ ନାହିଁ । ତୁମେ ସ୍ୱୟଂ ବଜାର କଲେ ଶୁଦ୍ଧ ବସ୍ତୁ ଆଣିବ ଏବଂ ଚାକର ସଙ୍ଗେ ଝଗଡ଼ା କରିବାକୁ ହେବ ନାହିଁ ।

(୨) ଅନ୍ୟଠାରୁ ରିସ୍‌ପତ୍ ନ ନେଇ ଶୁଦ୍ଧ ଅର୍ଜନରେ ଭୋଜନ କଲେ ମନ-ହୃଦୟ ଶୁଦ୍ଧ ରହିବ ଏବଂ ନ୍ୟାୟ, ସତ୍ୟ, ସଦାଚାର କର୍ମରେ ପ୍ରବୃତ୍ତ ହେବ । ଏହି ସଦାଚରଣ ଦ୍ୱାରା ମନ-ପ୍ରାଣରୁ ମଳିନତା ଦୂର ହେଲେ ଭଗବତ୍ ଭକ୍ତି ଉତ୍ପନ୍ନ ହେବ । ସେଥିରୁ ଉତ୍ପନ୍ନ ହେବ ବିବେକ । ତେବେ ତୁମେ ଯଥାର୍ଥ ଅଯଥାର୍ଥ ବୁଝିପାରି ସତ୍ୟକୁ ଗ୍ରହଣ କରି ଅସତ୍ୟକୁ ତ୍ୟାଗ କରିବାକୁ ସମର୍ଥ ହେବ । ତୁମ ଘରର କାର୍ଯ୍ୟ, ଅଫିସ୍‌ର କାର୍ଯ୍ୟ, ଅର୍ଥାତ୍ ତୁମ ଦ୍ୱାରା ଯେଉଁସବୁ କାର୍ଯ୍ୟ

ହେବ ତାହାସବୁ ହେବ ଭଗବତ୍ ସେବା; ତୁମେ ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ କରି ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତି କରିବ । ତୁମେ ସତ୍ୟ ଭାବରେ ସମସ୍ତଙ୍କର ପ୍ରିୟ ହେବ, ପ୍ରତ୍ୟେକ ପ୍ରାଣୀ ତୁମକୁ ପ୍ରିୟ ଲାଗିବେ । ତୁମର ଜୀବନ ହେବ ଆନନ୍ଦମୟ । ତୁମେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ମନୁଷ୍ୟ ଏହି ଜୀବନ ଚାହେଁ । ଏହାହିଁ ମନୁଷ୍ୟଜୀବନର ଲକ୍ଷ୍ୟ । ଏହି ଜୀବନ ପ୍ରାପ୍ତ ହେବାର ଉପାୟ ସତ୍ୟ, ନ୍ୟାୟ ଆଚରଣ, ସଦାଚାର ପାଳନ ସହିତ ସମସ୍ତ କର୍ମ ଭଗବାନଙ୍କ ଚରଣରେ ସମର୍ପଣ । ଏହି ଜୀବନ ପ୍ରାପ୍ତ ହେଲେ ବାହ୍ୟ ଆଡ଼ମ୍ବର ଜାକଜମକ ସବୁକିଛି ତୁଚ୍ଛ । ଏହି ସୁଖମୟ ଜୀବନ ବଡ଼ ଅଫିସର ହେବାରେ, ବଡ଼ ଧନୀ, ବଡ଼ ନେତା ହେବାରେ ମିଳେ ନାହିଁ; ମିଳେ ନିଜକୁ ଓ ନିଜର ସମସ୍ତ କିଛିକୁ ଭଗବାନଙ୍କଠାରେ ସମର୍ପଣ କରି ଭଗବାନଙ୍କୁ ଭକ୍ତି କରିବାରେ ।

(୩) ତୁମେ ବର୍ତ୍ତମାନ ଯେଉଁ ବାତାବରଣରେ ରହୁଅଛ, ଯେଉଁ ସମାଜରେ, ଯେଉଁ ଅନୁସାରେ କାର୍ଯ୍ୟ କରୁଛ, ସେଥିରେ ରହି ସତ୍, ନ୍ୟାୟ କାର୍ଯ୍ୟ କରିବା ଅସମ୍ଭବ ବୋଲି ଭାବିପାର । କିନ୍ତୁ ଏହା ସତ୍ୟ ନୁହେଁ । ଏହାର ଗୋଟିଏ ସରଳ ଉପାୟ ଅଛି । ତାହା ହେଉଛି ସତ୍ୟଭାବରେ ଆନ୍ତରିକତା ସହ ଭଗବତ୍ ଭକ୍ତି । ତୁମ୍ଭେ ଯେଉଁ ପରିସ୍ଥିତିରେ ଅଛ, ସେହି ପରସ୍ଥିତିରେ ଭଗବାନଙ୍କୁ ଭକ୍ତି କରିବା ଆରମ୍ଭ କର, ତାଙ୍କର ଆଶ୍ରୟ ନିଅ, ଦୃଢ଼ ସଂକଳ୍ପ କର ସତ୍ୟ ଓ ନ୍ୟାୟ ଆଚରଣ କରିବାକୁ । ପ୍ରଥମରେ ବାଧା ବିପତ୍ତି ଆସିବ କିନ୍ତୁ ପରେ ତୁମ୍ଭ ସତ୍ୟ, ନ୍ୟାୟ କର୍ମ ସକାଶେ ଆସ୍ତେ ଆସ୍ତେ ଅନୁକୂଳ ପରିସ୍ଥିତି ତିଆରି ହୋଇଯିବ ।

ମନୁଷ୍ୟ ଭଗବାନଙ୍କ ଆଶ୍ରୟ ନେଲେ ଭଗବାନ୍ ତାକୁ ପ୍ରତି ପଦରେ ରକ୍ଷା କରନ୍ତି । କିନ୍ତୁ ଛୋଟ ଶିଶୁ ସଦୃଶ ଭଗବାନଙ୍କ ହାତରେ ନିଜକୁ ଛାଡ଼ିଦେବା ଉଚିତ । ପ୍ରଥମରେ ଭଗବାନଙ୍କ ହାତରେ ପୂରାପୂରି ନିଜକୁ ଛାଡ଼ି ଦେଇ ହୁଏ ନାହିଁ । ସୁତରାଂ ତୁମେ ଯେତିକି ନିଜକୁ ଦେଇପାର ସେତିକି ଦିଅ । ଇଚ୍ଛା ରଖ ପୂର୍ଣ୍ଣତଃ ତାଙ୍କ ହାତରେ ଛାଡ଼ିଦେବାକୁ । ତୁମର ଏହି ଇଚ୍ଛା ଯେତେ ପ୍ରବଳ ହେବ ଭଗବାନ୍ ତୁମର ଭାର ସେତେ ଗ୍ରହଣ କରିବେ । ବାସ୍ତବରେ ସତ୍ୟ, ନ୍ୟାୟର ପୂର୍ଣ୍ଣ ବାଧକ ସମାଜ ନୁହେଁ, ତୁମ ନିଜର ପ୍ରବୃତ୍ତି । ତୁମେ ନିଜେ ସତ୍ୟ ଆଚରଣ କରିବାକୁ ଚାହଁ ନାହିଁ, ସେଥିପାଇଁ ନିଜକୁ ପ୍ରବଞ୍ଚନା କରିବା ସକାଶେ ସମାଜ ମୁଣ୍ଡରେ ଦୋଷ ଲଦିଦିଅ । ଆଜି କ'ଣ ଜଗତରେ ସତ୍, ନ୍ୟାୟପରାୟଣ ଲୋକର ଅଭାବ ? ଯଥାର୍ଥରେ କ'ଣ ସତ୍ୟବାଦୀ ଲୋକର ସମାଜରେ ସ୍ଥାନ ନାହିଁ ? ଏହା କଦାପି ନୁହେଁ । ଆଜି ବି ସତ୍ୟର ଆଦର, ବିଶେଷ ଆଦର ରହିଛି । ଯେଉଁମାନେ ସତ୍ୟ ବାହାନାରେ ଅସତ୍ୟ ଆଚରଣ କରି ସମାଜକୁ ଠକାନ୍ତି, ସେମାନଙ୍କ ଅନାଦର ସବୁସମୟରେ ହୁଏ ।

## ଭକ୍ତ ରାମାଜି

ବିହାରର ଛାପ୍ରା ଜିଲ୍ଲାରେ ଜଣେ ସତ୍ୟନିଷ୍ଠ ନ୍ୟାୟପରାୟଣ ଭଗବତ୍ ଭକ୍ତ ଥିଲେ । ତାଙ୍କ ନାମ ଥିଲା 'ରାମାଜି' । ତାଙ୍କର ଝିଆରୀ ବିବାହରେ କେତେ ହଜାର ଟଙ୍କା ତିଳକ ନେବା ପାଇଁ ବରପିତା ଦାବି କଲେ । କନ୍ୟାପିତାଙ୍କ ପାଖରେ ଟଙ୍କା ନ ଥିବା ସତ୍ତ୍ୱେ ସେ ବିବଶ ହୋଇ ସ୍ୱୀକାର କରିନେଲେ । ଓଡ଼ିଶାରେ ମହାପ୍ରସାଦ ନିର୍ବନ୍ଧକୁ ବିହାର ତଥା ଅବଧ ପ୍ରାନ୍ତରେ ତିଳକ କହନ୍ତି । ଆଜିକାଲି ବରପିତା ପୁତ୍ରର ବିବାହ ସମୟରେ ପ୍ରକାରାନ୍ତରେ ପୁଅକୁ ନିଲାମ ଡକାଏ । ଯେଉଁ କନ୍ୟାର ପିତା ଅଧିକ ଟଙ୍କା ଦେଇପାରେ ସେ ନିଲାମ ଧରେ । ଆଜିକାଲି ବିବାହରେ ଧାର୍ମିକ ମନୋଭାବ ନାହିଁ କିଂବା ସୁଲକ୍ଷଣା କନ୍ୟାର ଆଦର ନାହିଁ; ଆଦର ବାହ୍ୟ ଆକୃତି, ରୂପ ଏବଂ ଟଙ୍କାର । କନ୍ୟାପିତା ଟଙ୍କା ଯୋଗାଡ଼ କରି ନ ପାରି ତାଙ୍କ ବଡ଼ ଭାଇ ରାମାଜିଙ୍କୁ କହିଲେ । ସେ ତିଳକର ନିର୍ଦ୍ଧାରିତ ଦିନ କେତେଗୁଡ଼ିଏ ତୁଳସୀଦଳ ବାନ୍ଧି ତିଳକର ଅନ୍ୟାନ୍ୟ ସାମଗ୍ରୀ ସହିତ ଭାଇକୁ ସଙ୍ଗରେ ନେଇ ତିଳକର ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲେ । ତିଳକର ଅନ୍ୟାନ୍ୟ କର୍ମ ସମାପ୍ତ ହେବା ପରେ ଟଙ୍କା ଦେବା ସମୟ ଆସିଲା । ସେତେବେଳେ ରାମାଜି ଲୁଗାଗଣ୍ଠି ଖୋଲି ତିଳକରେ ଚୁକ୍ତି ହୋଇଥିବା ଟଙ୍କାର ସଂଖ୍ୟାରେ ତୁଳସୀ ଦଳ ଗଣିଦେଲେ । ସେଥିରେହିଁ ବରପିତା ଏବଂ ସେ ପକ୍ଷର ଲୋକମାନେ

ବହୁତ ସନ୍ତୁଷ୍ଟ ହେଲେ ଏବଂ ରାମାଜିଙ୍କ କହିବା ଅନୁସାରେ ବିନା ଆଡ଼ମ୍ବରରେ ବିବାହକର୍ମ ସମାପ୍ତ କଲେ । ଏହା ହେଲା ରାମାଜିଙ୍କ ସତ୍ୟନ୍ୟାୟର ପ୍ରଭାବରୁ । ତାଙ୍କର ବାହ୍ୟ ଆଡ଼ମ୍ବର ନ ଥିଲା, ତାଙ୍କର ନ୍ୟାୟ ତଥା ସଦାଚାରକୁ ଲୋକେ ସମ୍ମାନ କରୁଥିଲେ ।

ପାଟଣା ହାଇକୋର୍ଟର ଜଜ୍ ଶ୍ରୀ ବଶିଷ୍ଠନାରାୟଣ ରାୟଙ୍କୁ ଓଡ଼ିଶାର ବହୁ ବ୍ୟକ୍ତି ଜାଣିଥିବେ । ସେ ସର୍ବଦା ତୃତୀୟ ଶ୍ରେଣୀ ରେଳଡ଼ବାରେ ଯାତ୍ରା କରୁଥିଲେ । ପଚାଶଟଙ୍କା ବେତନ ପାଉଥିବା କିରାଣି ସଦୃଶ ସେ ପୋଷାକ ପିନ୍ଧୁଥିଲେ । ଆଶ୍ରମକୁ ଆସି ଅଇଁଠା ବାସନ ଧୋଇବା କାମ କରୁଥିଲେ । ତାଙ୍କର ସମ୍ମାନ କ'ଣ କମ୍ ଥିଲା ? ଯଥାର୍ଥରେ ମନୁଷ୍ୟ ସମ୍ମାନିତ ହୁଏ ସଦାଚାରରେ । ମନୁଷ୍ୟ ସଦାଚାର ଛାଡ଼ି ବାହ୍ୟ ଆଡ଼ମ୍ବରରେ ସମ୍ମାନ ଚାହେଁ, ସେ ନେଇ ସେ ଅସମ୍ମାନିତ ହୁଏ ।

ଧର୍ମର ଯଥାର୍ଥ ଅର୍ଥ ମନୁଷ୍ୟର ପରମ ସୁଖ, ପରମ ଶାନ୍ତି ପ୍ରାପ୍ତିର ଉପାୟ । ମନୁଷ୍ୟ ଗୃହ, ପରିବାରରେ ରହି କୃଷି, ବାଣିଜ୍ୟ କରି, ବେତନଭୋଗୀ ଦେଶସେବା ଅଥବା ନିଃସ୍ୱାର୍ଥ ଦେଶସେବା ନ୍ୟାୟ, ସତ୍ୟ ଭାବରେ ଆଚରଣ କଲେ ଅନାୟାସରେ ପରମ ସୁଖ, ପରମ ଶାନ୍ତିସ୍ୱରୂପ ଭଗବତ୍‌ପ୍ରାପ୍ତି କରିପାରେ ଏବଂ ସମାଜରେ ସକଳ ବ୍ୟକ୍ତିଙ୍କ ଆଦରର ପାତ୍ର ହୋଇପାରେ ।

## ତୃତୀୟ ଭାଗ

# ପାତିବ୍ରତ୍ୟ

ଗୃହସ୍ଥାଶ୍ରମହିଁ ଧର୍ମର ଉତ୍ସ । ସମସ୍ତ ପ୍ରକାର ଧର୍ମାଚରଣ ହୋଇପାରେ ଗୃହସ୍ଥାଶ୍ରମରେ । ଗାର୍ହସ୍ଥ୍ୟ ଧର୍ମରୂପକ ବୃକ୍ଷରେ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ, ସନ୍ନ୍ୟାସଧର୍ମରୂପକ ପୁଷ୍ପଫଳ ଶୋଭିତ ହୋଇଥାଏ । ଶାସ୍ତ୍ରରେ ଯଦ୍ୟପି ଅଧ୍ୟାତ୍ମ ଧର୍ମ ସର୍ବଶ୍ରେଷ୍ଠ ବୋଲି ମାନି ନିଆହୋଇଛି ତଥାପି ତା'ର ମୂଳ ହେଉଛି ଗାର୍ହସ୍ଥ୍ୟ ଧର୍ମ । ଏପରି ପବିତ୍ର ଗାର୍ହସ୍ଥ୍ୟ ଧର୍ମ ଆଜିକାଲି ବିକୃତ ହୋଇ ବ୍ୟକ୍ତିର ଭୋଗ-ବାସନା ତୃପ୍ତି, ଅନ୍ୟାୟ, ଅସତ୍ୟରେ ଉଦର ପାଳନରେ ଅଥବା ଜାକଜମକ ଅୟସ-ଆରାମରେ ପରିଣତ ହୋଇଛି । ଏହି ଗାର୍ହସ୍ଥ୍ୟ ଧର୍ମ ହ୍ରାସ ହେବାରୁ ସମସ୍ତ ସଂସାରରେ ଅସତ୍ୟ, ଅନ୍ୟାୟର ରାଜ୍ୟ ବ୍ୟାପିଛି; ବ୍ୟକ୍ତି ସୁଖପ୍ରାପ୍ତି କରିବା ସକାଶେ କେତେ ପ୍ରୟତ୍ନ କରିବା ସତ୍ତ୍ୱେ ଦୁଃଖତାପ ଭୋଗ କରୁଅଛି । ଏହି ଗାର୍ହସ୍ଥ୍ୟ ଧର୍ମ ମଧ୍ୟରେ ପାତିବ୍ରତ୍ୟ ଧର୍ମର ମହତ୍ତ୍ୱ ଅତୁଳନୀୟ ।

ପତିବ୍ରତା ତପଃଶକ୍ତିର ଅସୀମ ପ୍ରଭାବ । ସେ ତ୍ରିକାଳ – ଭୂତ, ଭବିଷ୍ୟ, ବର୍ତ୍ତମାନର ଜ୍ଞାନ ପ୍ରାପ୍ତ କରିପାରେ । ତା'ର ସୃଷ୍ଟି କରିବାର ଶକ୍ତି ହୋଇପାରେ । ସେ ନିଜ ତପଃଶକ୍ତିରେ ବିଧିର ବିଧାନକୁ ପରିବର୍ତ୍ତନ କରିପାରେ । ପତିବ୍ରତା ନାରୀ ଗୃହଲକ୍ଷ୍ମୀ, ଦେବୀ । ସେ ପତିପରାୟଣା, ପରିବାରର ହିତାକାଙ୍କ୍ଷୀ, ପ୍ରାଣୀମାତ୍ରର ପ୍ରିୟ । ତା'ର ହୃଦୟ ସରଳ, ନିଷ୍କପଟ, ଭକ୍ତିଯୁକ୍ତ, ଦୟାର୍ଦ୍ର; ବୁଦ୍ଧି ଶୁଦ୍ଧ, ନମନୀୟ, ସେ ପ୍ରାଣୀହିତେ ରତ । ତା' ଦୃଷ୍ଟିରେ ବୟୋବୃଦ୍ଧ ପୁରୁଷ ପିତା, ସମାନ ବୟସ୍କ ପୁରୁଷ ଭ୍ରାତା, କମ୍ ବୟସ୍କ ପୁରୁଷ ପୁତ୍ରବତ୍ । ସେ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଭଗବାନଙ୍କୁ ଦେଖେ, କିନ୍ତୁ ଭଗବତ୍ ପ୍ରତିନିଧିରୂପେ ନିଷ୍ଠାସହ ପତିଙ୍କୁ ଭକ୍ତି କରେ । ଅହଂ, ସ୍ୱାର୍ଥ ମନୁଷ୍ୟର ପରମ ଶତ୍ରୁ । ଏହାର ବଶ ହୋଇ ମନୁଷ୍ୟ ଅନ୍ୟାୟ, ଅତ୍ୟାଚାର, ବୈର-ବିରୋଧ କରେ । ଏହାରି କବଳରୁ ନାରୀ ମଧ୍ୟ ମୁକ୍ତ ନୁହେଁ । ସେ ପତିବ୍ରତା ଧର୍ମର ପ୍ରଭାବ ନ ବୁଝି ନିମ୍ନପ୍ରାଣର ତୁଷ୍ଟି ସକାଶେ କପଟ ଆଚରଣ କରି ପିତାମାତା, ଭାଇଭଉଣୀ, ପତିଙ୍କୁ ପ୍ରବଞ୍ଚନା କରେ । ପରିଣାମରେ ପରିବାର ମଧ୍ୟରେ ବୈର-ବିରୋଧ ସୃଷ୍ଟି ହୁଏ, ଗୃହ ଦୁଃଖଦ୍ୱନ୍ଦ୍ୱରେ ପରିଣତ ହୁଏ; ଜୀବନ ଯାତନାମୟ ହୋଇଉଠେ ।

ପାତିବ୍ରତ୍ୟ ଧର୍ମ ପ୍ରଭାବରେ ନାରୀ ଏହି ଅହଂ, ସ୍ୱାର୍ଥ କବଳରୁ ମୁକ୍ତ ହୁଏ । କପଟ ଛଳନାର ଆବଶ୍ୟକତା ରହେ ନାହିଁ । ସେ ହୁଏ ପତିର ପ୍ରାଣପ୍ରିୟା, ହୃଦୟେଶ୍ୱରୀ, ସମ୍ମାନୀୟା ଦେବୀ; ଶାଶୂ ଶଶୁରଙ୍କର ଆଦରଣୀୟା, ଶ୍ରଦ୍ଧେୟା, ସ୍ନେହମୟୀ କନ୍ୟା; ପୁତ୍ରର ଇଷ୍ଟଦେବୀ, ଆଦ୍ୟାଶକ୍ତି, ଜଗଜ୍ଜନନୀ, ପରମ ପୂଜନୀୟା, ଜଗଦ୍ଧାତ୍ରୀ ମା' । ପରିବାର ତଥା ଅନ୍ୟ ବ୍ୟକ୍ତିଙ୍କର ସେ ଗୃହଲକ୍ଷ୍ମୀ, ସ୍ନେହ, ଆଦର, ଭକ୍ତିର ପାତ୍ରୀ । ତା'ର ଦର୍ଶନ ମାତ୍ରେ ବ୍ୟକ୍ତିର ହୃଦୟରେ ପବିତ୍ର ସାତ୍ତ୍ୱିକ ଭାବ ଉତ୍ପନ୍ନ ହୁଏ । ମାତୃଭାବରେ ତା'ର ଚରଣରେ ମସ୍ତକ ନତ ହୁଏ । ପତିବ୍ରତା ମାତାହିଁ ପରିବାର, ଗ୍ରାମ, ଦେଶକୁ ସୁଧାର କରିପାରେ । ତା'ଠାରୁ ଉତ୍ପନ୍ନ ହୁଅନ୍ତି ସୁସନ୍ତାନ, ବୀର, ଯୋଦ୍ଧା, ଚରିତ୍ରବାନ୍, ତେଜସ୍ୱୀ ପୁତ୍ର, ସଚ୍ଚରିତ୍ରା କନ୍ୟା । ସେମାନଙ୍କ ଚରିତ୍ର ଗଠନ ହୁଏ ମାତାର ପ୍ରଭାବରୁ ଶିଶୁ ଅବସ୍ଥାରୁ ମା'ର କ୍ଷୀରପାନ ସହିତ । ସେମାନଙ୍କ ସଦ୍‌ଗୁଣ ବିକଶିତ ହୋଇ ଜୀବନକୁ ମହାନ୍ ଏବଂ ପବିତ୍ର କରି ତୋଳେ । ଏହିପରି ସଦ୍‌ଗୁଣଯୁକ୍ତ ପୁରୁଷ ଏବଂ ମହିଳାମାନଙ୍କ ଦ୍ୱାରା ସମାଜର ମହାନ୍ ହିତ ସାଧନ ହୁଏ ।

ପାତିବ୍ରତ୍ୟତପଃଶକ୍ତି ପ୍ରଭାବରେ ପତିବ୍ରତା ଦେବୀ ଅସାଧାରଣ କାର୍ଯ୍ୟ ସାଧନ କରିପାରେ । ଶୁକ୍ଳାର ତପଃ ପ୍ରଭାବରେ ଇନ୍ଦ୍ର ପରାସ୍ତ ହୋଇଛନ୍ତି; ସାବିତ୍ରୀ ନିଜ ପତି ସତ୍ୟବାନଙ୍କୁ ଯମପୁରରୁ ଫେରାଇ ଆଣି ପାରିଛନ୍ତି । ଦେବୀ ଅନସୂୟା ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କୁ ଶିଶୁ ସନ୍ତାନରୂପେ କୋଳରେ ଧାରଣ କରିଅଛନ୍ତି । କାଳ ପ୍ରଭାବରେ ଯୁଗ ପରିବର୍ତ୍ତନ ଅବସ୍ଥାରେ ଅନ୍ୟ ଧର୍ମ ହ୍ରାସ ହେବା ସଙ୍ଗେ ସଙ୍ଗେ ଏହି ପାତିବ୍ରତ୍ୟ ଧର୍ମର ମଧ୍ୟ ହ୍ରାସ ହୋଇଅଛି । ବର୍ତ୍ତମାନ ପାଶ୍ଚାତ୍ୟ

ସଭ୍ୟତାରେ ପ୍ରଭାବିତ କନ୍ୟାମାନେ ଏପରି ମହାନ୍ ଧର୍ମର ପ୍ରଭାବ ବୁଝି ନ ପାରି ତାହାକୁ କୁସଂସ୍କାର ବୋଲି କହି ଅସାଧାରଣ ତପଃଶକ୍ତିରୁ ବଞ୍ଚିତ ରହୁଅଛନ୍ତି । ପାତିବ୍ରତ୍ୟ ଧର୍ମର ପ୍ରଭାବ ସମ୍ବନ୍ଧୀୟ ଗୋଟିଏ ଦୁଇଟି ପୌରାଣିକ ଘଟଣା ଉଦାହରଣସ୍ୱରୂପ ଏଠାରେ ଆଲୋଚନା କରିବା ।

## ପତିବ୍ରତା ନାରୀ

ନରୋତ୍ତମ ନାମରେ ଜଣେ ବ୍ରାହ୍ମଣ କଠୋର ତପସ୍ୟାରତ ଥିଲେ । ତାଙ୍କ ତପଃଶକ୍ତିର ପ୍ରଭାବରେ ତାଙ୍କ ଲୁଗା ଆଧାର ବିନା ଆକାଶରେ ଶୁଖେ । ଦିନେ ତାଙ୍କ ଉପରେ ଗୋଟିଏ ବଗପକ୍ଷୀ ମଳତ୍ୟାଗ କରିଦେଲା । ସେ ରାଗାନ୍ୱିତ ହୋଇ କୋପଦୃଷ୍ଟିରେ ସେହି ବଗପକ୍ଷୀକୁ ଚାହିଁବାରୁ ତାଙ୍କ କୋପାଗ୍ନିରେ ସେ ଭସ୍ମ ହୋଇଗଲା । ଏହା ଥିଲା ତାଙ୍କ ବିଚାରରେ ତପସ୍ୟାର ସିଦ୍ଧି । ଏହିପରି କୃଚ୍ଛ ତପଃସିଦ୍ଧିରେ ଗର୍ବ ହେବା ସ୍ୱାଭାବିକ । ସେ ନିଜକୁ ମହାନ୍ ତପସ୍ୱୀ ବୋଲି ଧାରଣା କରିବା ଗର୍ବ ଏବଂ ବଗପକ୍ଷୀକୁ ବିନାଶ କରିବା ପାପ ହେତୁ ତାଙ୍କ ତପଃଶକ୍ତି ନଷ୍ଟ ହୋଇଗଲା; ଆଉ ତାଙ୍କ ଲୁଗା ଆକାଶରେ ଶୁଖିଲା ନାହିଁ । ଏଥିରେ ତାଙ୍କୁ ବଡ଼ ଦୁଃଖ ଏବଂ ଗ୍ଲାନି ହେଲା । ଏହାର କାରଣ ତଥା ପ୍ରତିକାର ସକାଶେ ସେ ବ୍ୟାକୁଳ ହୋଇପଡ଼ିଲେ । ମନୁଷ୍ୟ ଭୁଲ୍ କରିବା ପରେ ଭୁଲ୍ ସଂଶୋଧନ ସକାଶେ ବ୍ୟାକୁଳ ହୋଇପଡ଼ିଲେ ଭଗବାନ୍ ତାକୁ ସାହାଯ୍ୟ କରନ୍ତି । ତପସ୍ୱୀକୁ ଆକାଶବାଣୀରେ ପତିବ୍ରତା ପାଖକୁ ଯିବାକୁ ଭଗବାନ୍ ଆଦେଶ ଦେଲେ ଏବଂ ବ୍ରାହ୍ମଣରୂପରେ ନରୋତ୍ତମଙ୍କୁ ପତିବ୍ରତାଙ୍କ ଘରେ ପହଞ୍ଚାଇ ଦେଲେ । ନରୋତ୍ତମ ତାଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଆସିବାର ଖବର ଜଣାଇଦେଲେ । ସେ ସମୟରେ ପତିବ୍ରତା ନିଜ ପତିଙ୍କ ସେବାରେ ନିଯୁକ୍ତ ଥିବାରୁ ନରୋତ୍ତମଙ୍କ ପାଖକୁ ଆସିବାରେ ବିଳମ୍ବ ହେଲା । ନରୋତ୍ତମ ରାଗିଯାଇ କହିଲେ, ''ମୁଁ ଅତିଥି, ତୁମ ଦ୍ୱାରରେ ଉପସ୍ଥିତ ହୋଇଛି, ଅତିଥିସତ୍କାରରେ ଅବହେଳା କରିବା ଗାର୍ହସ୍ଥ୍ୟ ଧର୍ମର ବିରୋଧ ।'' ଏକଥା ଶୁଣି ପତିବ୍ରତା ଶାନ୍ତ, କୋମଳ, ମଧୁର ବାଣୀରେ ଉତ୍ତର ଦେଲେ, ''ବିପ୍ରବର, ବ୍ୟର୍ଥ କ୍ରୋଧ ଶାନ୍ତ କରନ୍ତୁ, ମୁଁ ବଗପକ୍ଷୀ ନୁହେଁ ଯେ ଆପଣଙ୍କ ରାଗରେ ଭସ୍ମ ହୋଇଯିବି । ମୁଁ ପତିଙ୍କ ସେବାରେ ନିଯୁକ୍ତ ଥିବାରୁ ଆପଣଙ୍କ ପାଖକୁ ଆସିପାରି ନ ଥିଲି ।'' ପତିବ୍ରତାର ଦର୍ଶନ ଓ ଏକଥା ଶୁଣିବା ମାତ୍ରେ ନରୋତ୍ତମଙ୍କ କ୍ରୋଧ ଶାନ୍ତ ହୋଇଗଲା । ସେ ଆଶ୍ଚର୍ଯ୍ୟ ହୋଇ ଆଗ୍ରହରେ ପ୍ରଶ୍ନ କଲେ ''ମାତଃ, ତୁମେ କେଉଁ କଠୋର ତପସ୍ୟା ଓ ସାଧନାବଳରେ ଏତେ ଦୂରର ଘଟଣା ଜାଣିପାରିଲ ?'' ପତିବ୍ରତା ଉତ୍ତର ଦେଲେ, ''ବିପ୍ରବର, ପତିସେବା, ପାତିବ୍ରତ୍ୟ ଧର୍ମ ଛଡ଼ା ମୁଁ ଆଉ ଅନ୍ୟ କିଛି ସାଧନା ବା ତପସ୍ୟା ଜାଣେ ନାହିଁ ।''

ଏହା ପାତିବ୍ରତ୍ୟ ଧର୍ମର ପ୍ରଭାବ । ପତିବ୍ରତା ନାରୀର ଶକ୍ତି ମହାନ୍ । ସତୀ ଅନସୂୟାଙ୍କ ଚରିତ୍ର ପୁରାଣରେ ପ୍ରସିଦ୍ଧ । ପତିବ୍ରତା ଅନସୂୟା ମହାମୁନି ଅତ୍ରିଙ୍କର ଧର୍ମପତ୍ନୀ ଥିଲେ । ସେ ଥିଲେ ମହାସତୀ । ତାଙ୍କ ଜୀବନରୁ ଗୋଟିଏ ଘଟଣା ଏଠାରେ ଆଲୋଚନା କରିବା ।

## ସତୀ ଅନସୂୟା

ସମସ୍ତ ଧର୍ମର ଯଥାର୍ଥ ତାତ୍ପର୍ଯ୍ୟ ଭଗବାନଙ୍କ ପ୍ରତି ଭକ୍ତି । ଭଗବାନଙ୍କ ଛଡ଼ା ସମସ୍ତ ଧର୍ମ ଅର୍ଥହୀନ, ନୀରସ, ନିର୍ଜୀବ । ପାତିବ୍ରତ୍ୟ ଧର୍ମର ଅର୍ଥ ପତି ରୂପେ ଭଗବାନଙ୍କ ପ୍ରତି ଭକ୍ତି । ଅର୍ଥାତ୍ ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ମାନି ପତିସେବା, ପତିଭକ୍ତି କରାଯାଏ । ଯେ ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରେ, ତା' ପାଖରେ ସ୍ଥୂଳରେ ତଥା ସୂକ୍ଷ୍ମରୂପେ ସେ ସବୁ ସମୟରେ ନ ରହି ରହିପାରନ୍ତି ନାହିଁ । ସେ ଭକ୍ତକୁ ସମସ୍ତ କିଛି ଦେଇ ଶେଷରେ ନିଜକୁ ଦେଇଦିଅନ୍ତି । ସେ ଭକ୍ତକୁ ସବୁ ସମୟରେ ରକ୍ଷା କରନ୍ତି । କିନ୍ତୁ ଭକ୍ତର ସୁଯଶଃରେ ତାଙ୍କୁ ଆନନ୍ଦ ମିଳେ ବୋଲି ପରୀକ୍ଷା ଦ୍ୱାରା ତା'ର ସୁଯଶଃ ପ୍ରସାର କରି ନିଜେ ତାହାର ଅଧୀନ ହୋଇଯା'ନ୍ତି । ସମସ୍ତ ବିଶ୍ୱର ସ୍ରଷ୍ଟା, ମାଲିକ ବଳିଠାରୁ ସାମାନ୍ୟ ପାର୍ଥିବ

ବସ୍ତୁ ଦାନ ନେଇ ନିଜକୁ ଦେଇଦେଲେ । ସେହିପରି ଦେବୀ ଅନସୂୟାଙ୍କ ପତିଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କ ଶିଶୁ ହେବା ସକାଶେ ତ୍ରିଦେବ – ବ୍ରହ୍ମା, ବିଷ୍ଣୁ, ଶଙ୍କର – ସନ୍ନ୍ୟାସୀରୂପେ ପରୀକ୍ଷା ନେବା ଉଦ୍ଦେଶ୍ୟରେ ଅତ୍ରିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଅତିଥିସତ୍କାର ଗୃହସ୍ଥର ଧର୍ମ । ମହାମୁନି ଅତ୍ରିଙ୍କ ଆଦେଶାନୁସାରେ ସନ୍ନ୍ୟାସୀମାନଙ୍କର ଭୋଜନର ବ୍ୟବସ୍ଥା ହେଲା । ସନ୍ନ୍ୟାସୀମାନେ କହିଲେ, ''ଅନସୂୟା ବିବସ୍ତ୍ରା ହୋଇ ଭୋଜନ ପରଶିଲେ ଆମ୍ଭେମାନେ ଆତିଥ୍ୟ ସ୍ୱୀକାର କରିବୁ, ଅନ୍ୟଥା ଭୋଜନ ନ କରି ଫେରିଯିବୁ ।'' ପତିବ୍ରତା ନାରୀ ଅନ୍ୟ ପୁରୁଷର ସମ୍ମୁଖରେ ବିବସ୍ତ୍ରା ହେବା ପାତିବ୍ରତ୍ୟ ଧର୍ମର ଯେପରି ଦୋଷ, ସେହିପରି ଅତିଥି ଭୋଜନ ନ କରି ଫେରିଯିବା ମଧ ଗାର୍ହସ୍ଥ୍ୟ ଧର୍ମର ବିରୁଦ୍ଧ । ଏହି ଜଟିଳ ସମସ୍ୟାର ସମାଧାନ ଅନସୂୟା ପାତିବ୍ରତ୍ୟ ଧର୍ମର ପ୍ରଭାବରେ କରି ପାରିଥିଲେ । ଅତିଥିଙ୍କୁ ଭୋଜନ ଦେବା ସ୍ୱୀକର କରି ଭଗବାନଙ୍କୁ ସ୍ମରଣ କରି ଅଭିମନ୍ତ୍ରିତ ଜଳ ସନ୍ନ୍ୟାସୀମାନଙ୍କ ଉପରେ ସିଞ୍ଚିଦେଲେ । ମନ୍ତ୍ରିତ ଜଳ ପ୍ରଭାବରେ ସେମାନେ ହୋଇଗଲେ ଶିଶୁ । ସତୀ ଅନସୂୟା ବିବସ୍ତ୍ରା ହୋଇ ସେମାନଙ୍କୁ ଭୋଜନ ପରଶିଦେଲେ । ସେହି ସନ୍ନ୍ୟାସିରୂପଧାରୀ ତ୍ରିଦେବ ଶିଶୁସନ୍ତାନ ହୋଇ ଅନସୂୟାଙ୍କ କୋଳକୁ ସୁଶୋଭିତ କଲେ । ବ୍ରହ୍ମାଙ୍କ ଅଂଶରୁ ହେଲେ ଚନ୍ଦ୍ରମାମୁନି, ବିଷ୍ଣୁଙ୍କ ଅଂଶରୁ ଦତ୍ତାତ୍ରେୟ, ଶଙ୍କରଙ୍କ ଅଂଶରୁ ପ୍ରସିଦ୍ଧ ମୁନି ଦୁର୍ବାସା ।

ଏହା ଯଥାର୍ଥରେ ପରୀକ୍ଷା ନୁହେଁ । ଭଗବାନ୍ ସର୍ବଶକ୍ତିମାନ୍, ତାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବ କିଏ ? ଅନସୂୟାଙ୍କ ପାତିବ୍ରତ୍ୟରେ ତ୍ରିଦେବ ସନ୍ତୁଷ୍ଟ ହୋଇ ପତିବ୍ରତାର ମହତ୍ତ୍ୱ ବୃଦ୍ଧି କଲେ ଏବଂ ଅନସୂୟାଙ୍କୁ ମାତା ରୂପେ ସ୍ୱୀକାର କରି ପୁତ୍ରରୂପେ ତାଙ୍କୁ ପରମାନନ୍ଦ ପ୍ରଦାନ କଲେ । ଏହା ଭଗବାନଙ୍କର ଭକ୍ତବାତ୍ସଲ୍ୟ ଗୁଣ । ଯେ ଭଗବାନଙ୍କୁ ସ୍ମରଣ କରେ, ଭଗବାନ୍ ତାକୁ ଆବଶ୍ୟକ ସମସ୍ତ ବସ୍ତୁ ଦେଇ ପରିଶେଷରେ ନିଜକୁ ଦେଇଦିଅନ୍ତି ।*

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ସଂସାରର ସମସ୍ତ ଆସକ୍ତି ତ୍ୟାଗ କରି ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ଧାରଣ କରି ଅଧ୍ୟାତ୍ମ ମାର୍ଗରେ ଭଗବତ୍ ପ୍ରାପ୍ତି କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଭଗବତ୍‌ପ୍ରାପ୍ତି କରିବା ପ୍ରତ୍ୟେକ ବ୍ୟକ୍ତି ସକାଶେ ଅନିବାର୍ଯ୍ୟ । ସେହି କାରଣରୁ ଗାର୍ହସ୍ଥ୍ୟ ଧର୍ମର ବ୍ୟବସ୍ଥା ହୋଇଅଛି । ବ୍ୟକ୍ତି ଗୃହରେ ରହି ଧର୍ମାଚରଣ କଲେ ଭଗବତ୍ ପ୍ରାପ୍ତିର ଅଧିକାରୀ ହୋଇପାରେ । ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ନାରୀ ଗୃହରେ ରହି ଏକପତିନିଷ୍ଠ ହୋଇ ପତିଙ୍କୁ ଭଗବତ୍ ପ୍ରତିନିଧିରୂପେ ମାନି ପତିଭକ୍ତି କରିବାହିଁ ପାତିବ୍ରତ୍ୟ ଧର୍ମ । କିନ୍ତୁ ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ସଂକଳ୍ପ କରିବେ, ସେମାନଙ୍କର ବିବାହ କରି ପାତିବ୍ରତ୍ୟ ଧର୍ମ ସ୍ୱୀକାର କରିବାର ପ୍ରୟୋଜନ ନାହିଁ । ପାତିବ୍ରତ୍ୟ ଧର୍ମ ଅନୁସାରେ ପତିସେବା ଦ୍ୱାରା ନାରୀ ଭଗବତ୍‌ପ୍ରାପ୍ତିର ଅଧିକାରୀ ହୁଏ । କିନ୍ତୁ ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଶରୀରର ରୂପାନ୍ତର ହୁଏ ନାହିଁ । ପୂର୍ବେ ନାରୀମାନଙ୍କୁ ବ୍ରହ୍ମଚର୍ଯ୍ୟ ପାଳନ କରିବା ସକାଶେ ଶାସ୍ତ୍ର ଉତ୍ସାହିତ ନ କରି ପାତିବ୍ରତ୍ୟ ଧର୍ମ ପାଳନରେ ଜୋର ଦେଇଥିଲା । କାରଣ ସେ ସମୟରେ ପୃଥିବୀରେ ଦିବ୍ୟ ମାନବଜାତି ସ୍ଥାପନ ସକାଶେ ଶରୀର-ରୂପାନ୍ତରର ସୁଯୋଗ ଆସି ନ ଥିଲା । ବର୍ତ୍ତମାନ ତାହାର ସମୟ ଆସିଛି । ଯେଉଁ ନାରୀମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିପାରନ୍ତି, ସେମାନେ ଅବିବାହିତ ରହି ଅଧ୍ୟାତ୍ମ ସାଧନା କରି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରନ୍ତି । ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷା କରିବା ସକାଶେ ସମର୍ଥ ନୁହନ୍ତି, ସେମାନେ ଗାର୍ହସ୍ଥ୍ୟ ଧର୍ମ ସ୍ୱୀକାର କରି ପାତିବ୍ରତ୍ୟ ଧର୍ମ ପାଳନ କରିବା ଉଚିତ । ଯେଉଁ ନାରୀ ପାତିବ୍ରତ୍ୟ ଧର୍ମ ପାଳନ ନ କରି ପତିକୁ ପ୍ରବଞ୍ଚନା କରି ଅନ୍ୟ ପୁରୁଷ ସହିତ ଦୂଷିତ ସଂପର୍କ ରଖେ, ତା'ର ବୁଦ୍ଧି ଯେତେ ବିକଶିତ ହେଲେହେଁ ଚେତନା ପଶୁର । ଏହିପରି ନାରୀ ଇହଲୋକ ତଥା ପରଲୋକରେ ଯଥାର୍ଥ ସୁଖ ପାଇପାରେ ନାହିଁ ।

## ପାତିବ୍ରତ୍ୟ ଧର୍ମ ପାଳନର ପ୍ରଣାଳୀ

ପାତିବ୍ରତ୍ୟ ଧର୍ମ ପାଳନ ହୁଏ ଭଗବାନ୍ ତଥା ଭଗବାନଙ୍କ ଆଦ୍ୟାଶକ୍ତିର ଆଶ୍ରୟରେ । ମନୁଷ୍ୟକୁ ବିପଥଗାମୀ

* ବର୍ତ୍ତମାନ ଯୁଗରେ କୌଣସି ଗୃହସ୍ଥ ଏପରି କୌଣସି ସର୍ତ୍ତ ସ୍ୱୀକାର କରି ଅତିଥି ସତ୍କାର କରିବା ଉଚିତ ନୁହେଁ ।

କରୁଥିବା କାମ, କ୍ରୋଧ, ଲୋଭ, ମୋହାଦି ରିପୁ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ସେସବୁ ଅତିଶୟ ଧୂର୍ତ୍ତ ଏବଂ ଶକ୍ତିଶାଳୀ; ମନୁଷ୍ୟଙ୍କୁ ବିପଥରେ ନେବାକୁ ସୁଯୋଗ ଖୋଜୁଥା'ନ୍ତି । ସୁବିଧା ପାଇବା ମାତ୍ରେ କଳେବଳେ କୌଶଳେ ଆକ୍ରମଣ କରି ମନୁଷ୍ୟର ସର୍ବନାଶ କରନ୍ତି । ବ୍ୟକ୍ତି ଭଗବାନଙ୍କ ଆଶ୍ରୟ ନେଲେ ଭଗବାନଙ୍କ ଶକ୍ତି ତାହା ସହିତ ନିରନ୍ତର ରହି ଦୁଷ୍ଟଶକ୍ତିଙ୍କ କବଳରୁ ରକ୍ଷା କରୁଥା'ନ୍ତି । ଏହି କାରଣରୁ ଭଗବାନଙ୍କ ଆଶ୍ରୟରେ ବ୍ୟକ୍ତିର ବ୍ରତ, ନିୟମ, ସଂଯମ ସିଦ୍ଧ ହୁଏ ।

ବାଳିକାମାନେ ବାଲ୍ୟକାଳରୁ ଧାର୍ମିକ, ଅଧ୍ୟାତ୍ମ ଭକ୍ତ, ସାଧୁ-ସନ୍ଥ, ବ୍ରହ୍ମଚାରୀ, ବୀର, ଯୋଦ୍ଧା, ସାହସୀ, ଚରିତ୍ରବାନ୍ ପୁରୁଷ ତଥା ପତିବ୍ରତା ନାରୀମାନଙ୍କ ଜୀବନ-ଚରିତ ଗ୍ରନ୍ଥ ପଢ଼ିଲେ ସେମାନଙ୍କ କୋମଳ ହୃଦୟ ଶୁଦ୍ଧ ଉଜ୍ଜ୍ୱଳ ହୋଇଉଠେ, ବୁଦ୍ଧି ନିର୍ମଳ ହୁଏ । ଭଗବତ୍ ଆରାଧନାରେ ସେମାନେ ଭଗବାନଙ୍କ କୃପା ଅନୁଭବ କରନ୍ତି । ବାଲ୍ୟାବସ୍ଥାର ଏହି ଉତ୍ତମ ସଂସ୍କାର ବୟସବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେଉଥାଏ । ଏହିପରି ବାଳିକାମାନେ ଯଥାର୍ଥରେ ପାତିବ୍ରତ୍ୟ ଧର୍ମ ପାଳନ କରିବାରେ ସମର୍ଥ ହୁଅନ୍ତି । ଏହା ଅଧିକ ମାତ୍ରାରେ ନିର୍ଭର କରେ ଜନ୍ମଦାତ୍ରୀ ମା'ର ଚରିତ୍ର ତଥା ବ୍ୟବହାର ଉପରେ । ମା'ମାନଙ୍କ ଦୋଷରୁ ଝିଅମାନେ ବାଲ୍ୟାବସ୍ଥାରୁ ଉପନ୍ୟାସ ପଢ଼ନ୍ତି, ଅଶ୍ଳୀଳ ସିନେମା ଦେଖନ୍ତି, ପତିବ୍ରତାର ବିପରୀତ ଆଦର୍ଶ, ସମାଜ, ସାଙ୍ଗସାଥୀର ପ୍ରଭାବ ଗ୍ରହଣ କରନ୍ତି । ଫଳରେ ପାତିବ୍ରତ୍ୟ ଧର୍ମକୁ କୁସଂସ୍କାର ମନେ କରି ସ୍ୱେଚ୍ଛାଚାର ଆଚରଣ କରନ୍ତି । ପିତାମାତାମାନେ କନ୍ୟାକୁ ବାଲ୍ୟାବସ୍ଥାରୁ ଉତ୍ତମ ଶିକ୍ଷା ନ ଦେଇ କନ୍ୟାର ସ୍ୱେଚ୍ଛାଚାରିତାରେ ଦାରୁଣ ବେଦନା ଅନୁଭବ କରି କିଂକର୍ତ୍ତବ୍ୟବିମୂଢ଼ ହୋଇ ନୀରବରେ ହୃଦୟ ଜ୍ୱାଳା ସହ୍ୟ କରନ୍ତି । ଯଥାର୍ଥ ସୁଖ ପାଶବିକ ଭୋଗରେ ନୁହେଁ, ସଂଯମରେ ।

ବାଲ୍ୟାବସ୍ଥା କୋମଳ ଲତା ସଦୃଶ ନମନୀୟ । ବାଲ୍ୟାବସ୍ଥାର ଅଭ୍ୟାସ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଦୃଢ଼ ହେଉଥାଏ । ସେହି କାରଣରୁ ବାଲ୍ୟାବସ୍ଥାର କୁ-ଅଭ୍ୟାସ ପରେ ପରିବର୍ତ୍ତନ ହେବା ଖୁବ୍ କଠିନ ହୁଏ ।

## ବାଳିକାମାନଙ୍କର ଦୈନିକ କାର୍ଯ୍ୟ

(୧) ଲୋକସାହିତ୍ୟ 'ଦିବ୍ୟ ଯୁଗ ସ୍ଥାପନାରେ ନାରୀ'ରେ ଆଲୋଚନା ହୋଇଥିବା ଅନୁସାରେ ପ୍ରତ୍ୟେକ ବାଳିକା କିଛି ସମୟ ବ୍ୟାୟାମ କରିବେ ଏବଂ ନିର୍ଦ୍ଧାରିତ ସମୟରେ ଶୋଇବେ ଓ ଉଠିବେ । ଭୋଜନ ସମୟାନୁଯାୟୀ ହେବା ଆବଶ୍ୟକ ।

(୨) କିଛି ସମୟ (ପ୍ରତିଦିନ ଅନ୍ତତଃ ଅଧ ଘଣ୍ଟାଏ) ''ବିଚିତ୍ର ବିଭୂତି'', ''ଲୋକସାହିତ୍ୟ'', ''ରାମାୟଣ'', ''ଭାଗବତ'' ଅଥବା ଅନ୍ୟାନ୍ୟ ଧର୍ମ ସମ୍ବନ୍ଧୀୟ ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କରିବେ । ଶୋଇବା ପୂର୍ବରୁ, ଉଠିବା ପରେ, ସ୍ନାନ କରିବା ପରେ କିଛି ସମୟ (ଅନ୍ତତଃ ପାଞ୍ଚ ମିନିଟ କରି) ଭଗବାନଙ୍କ ଧାରଣାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଧ୍ୟାନ କରିବେ ।

(୩) ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଉପନ୍ୟାସ ପଢ଼ିବା, ଅସତ୍ ଚରିତ୍ର ବାଳକବାଳିକାମାନଙ୍କ ସଙ୍ଗ ସର୍ବଥା ତ୍ୟାଜ୍ୟ ।

(୪) ସ୍କୁଲପଢ଼ା ଶେଷ କରିବା ପରେ କ୍ରମଶଃ ଗୃହକାର୍ଯ୍ୟ ଅଥବା ସଂସାରକାର୍ଯ୍ୟ ଭଗବାନଙ୍କ ସେବାରୂପେ କରିବେ ଏବଂ ଧ୍ୟାନ ତଥା ଧର୍ମଗ୍ରନ୍ଥ ଅଧ୍ୟୟନରେ ସମୟ ଅଧିକ ଲଗାଇବେ ।

(୫) ବାଲ୍ୟାବସ୍ଥାରୁ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରିବା ଉଚିତ । ବିବାହ ପରେ ପତିଙ୍କୁ ଭଗବାନଙ୍କ ପ୍ରତିନିଧି ଅଥବା ଭଗବାନଙ୍କ ସ୍ୱରୂପ ଧାରଣାରେ ଏକପତିନିଷ୍ଠ ହେବା ଉଚିତ । ଘରକୁ ଭଗବାନଙ୍କ ମନ୍ଦିର ତଥା ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କଲେ ସେହି କର୍ମ ବନ୍ଧନର କାରଣ ନ ହୋଇ ଭଗବତ୍‌ପ୍ରାପ୍ତି ତଥା ମନପ୍ରାଣ ଶୁଦ୍ଧ ହେବାରେ ସାହାଯ୍ୟ କରେ । ଯଥାର୍ଥରେ ସମସ୍ତ କର୍ମ ଭଗବାନଙ୍କର — ଏହିପରି ମନୋଭାବରେ କର୍ମ କଲେ ଅହଂ, ସ୍ୱାର୍ଥ ଦୂର ହୁଏ । ଏହିପରି ନାରୀ ହୁଏ ସମସ୍ତଙ୍କର ପ୍ରିୟ । ଗୃହ ହୁଏ ସ୍ୱର୍ଗ ।

(୬) ପତିବ୍ରତା ନାରୀ ସବୁ ସମୟରେ ଭଗବାନଙ୍କ ଉପସ୍ଥିତି କଳ୍ପନା କଲେ ଶେଷରେ ସେହି କଳ୍ପନା ତା'ର ଅନୁଭୂତିରେ ପରିଣତ ହୁଏ ।

(୭) ପତିବ୍ରତା ନାରୀ ବୟୋଜ୍ୟେଷ୍ଠ ପୁରୁଷଙ୍କୁ ପିତା, ସମାନ ବୟସ୍କ ପୁରୁଷଙ୍କୁ ଭ୍ରାତା, କନିଷ୍ଠ ପୁରୁଷଙ୍କୁ ପୁତ୍ରବତ୍ ଭାବନା କରିବେ । ଅନ୍ୟ ପୁରୁଷ ଅଥବା ନାରୀମାନଙ୍କ ସହିତ କଥାବାର୍ତ୍ତା, କାର୍ଯ୍ୟ କରିବା ସମୟରେ ଭଗବାନଙ୍କୁ କଳ୍ପନା କରିବେ । ଅର୍ଥାତ୍ କଥାବାର୍ତ୍ତା କରୁଥିବା ବ୍ୟକ୍ତି ଏବଂ ନିଜ ମଧ୍ୟରେ ଭଗବାନ୍ ଛିଡ଼ା ହୋଇଛନ୍ତି ବୋଲି ଧାରଣା କରିବେ ।

(୮) ପତିବ୍ରତା ନାରୀର ସତ୍ୟ କହିବା, ସତ୍ୟ ଆଚରଣ କରିବା ଉଚିତ । ଭାଷା ସତ୍ୟ ହୋଇ ତା'ର ଅର୍ଥ ମିଥ୍ୟା ହେଲେ ସେ ଭାଷା ସତ୍ୟ ହୁଏ ନାହିଁ । ''ଅଶ୍ୱତ୍ଥମା ହତ ନରେ ବା ଗୁଞ୍ଜାରେ'' ଏହା କୃତ୍ରିମ ସତ୍ୟ । ଏପରି ଭାଷା ମିଥ୍ୟାର ସମାନ ।

(୯) ପତିପରାୟଣା ନାରୀ ପତି ସହିତ ପୂର୍ଣ୍ଣତଃ ନିଷ୍କପଟ ରହିବା ଏକାନ୍ତ ପ୍ରୟୋଜନ । ଅନ୍ତରରେ ଯାହା, ବାହ୍ୟ ଶବ୍ଦରେ ତାହାହିଁ । ଏପରି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ ଯାହା ପତିଙ୍କୁ ଲୁଚାଇବାକୁ ହୁଏ । ଯଥାର୍ଥରେ ପାତିବ୍ରତ୍ୟ ପାଳନ ହୁଏ ଭଗବାନଙ୍କୁ ଭକ୍ତି କରିବାରେ । ଭଗବାନଙ୍କୁ ଭକ୍ତି କରିବାର ପ୍ରଣାଳୀ ବହୁତ । ଗୃହସ୍ଥାଶ୍ରମରେ ସ୍ତ୍ରୀର ସ୍ୱାଭାବିକ ପ୍ରେମ ପତି ପ୍ରତି । ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ମାନିଲେ ପତିପ୍ରେମକୁ ପରିବର୍ତ୍ତନ କରିବାକୁ ହୁଏ ନାହିଁ, କେବଳ ଦୃଢ଼ ନିଷ୍ଠା କରିବାକୁ ହୁଏ । ଅତଏବ ସ୍ତ୍ରୀ ସକାଶେ ଭଗବତ୍‌ପ୍ରାପ୍ତିର ସରଳ ପ୍ରଣାଳୀ ପାତିବ୍ରତ୍ୟ ଧର୍ମ । ଏହା ପ୍ରତ୍ୟେକ ସ୍ତ୍ରୀ ସକାଶେ ସୁଲଭ । କୌଣସି ପରିବାରକୁ ଗୋଟିଏ ପତିବ୍ରତା ନାରୀ ଆସିଲେ ସେ ସେହି ଘରକୁ ସ୍ୱର୍ଗରେ ପରିଣତ କରେ, ଦୋଷଯୁକ୍ତ ନରନାରୀଙ୍କ ସ୍ୱଭାବକୁ ନିଜ ତପଃଶକ୍ତିରେ ପରିବର୍ତ୍ତନ କରିବାକୁ ସମର୍ଥ ହୁଏ ।

ପତିବ୍ରତା ନାରୀକୁ ବହୁତ ଦିବ୍ୟଗୁଣ ପ୍ରାପ୍ତ କରିବାକୁ ହୁଏ । ତାହାର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ଏହା ହୁଏ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । ବ୍ରହ୍ମଚର୍ଯ୍ୟ ଛଡ଼ା ଭଗବତ୍ ଦିବ୍ୟ ଗୁଣ ପ୍ରତିଷ୍ଠିତ ହୋଇପାରେ ନାହିଁ । ଏକପତିନିଷ୍ଠା ପ୍ରତ୍ୟେକ ନାରୀର ଅପରିହାର୍ଯ୍ୟ କର୍ତ୍ତବ୍ୟ । ଏହା ପାତିବ୍ରତ୍ୟ ଧର୍ମର ପ୍ରଥମ ପାବଚ୍ଛ । ପାତିବ୍ରତ୍ୟ ଧର୍ମର ଆଧାର ଭଗବତ୍ ଭକ୍ତି । ନାରୀର ଭଗବତ୍ ଭକ୍ତି, ଏକପତିନିଷ୍ଠା ବ୍ରତ ଦ୍ୱାରା ତା' ହୃଦୟ କ୍ରମଶଃ ଶୁଦ୍ଧ ହୁଏ । କାମଶକ୍ତି, କାମବାସନା କ୍ରମଶଃ ହ୍ରାସ ହୁଏ । ନିଜ ପାତିବ୍ରତ୍ୟ, ଭଗବତ୍ ଭକ୍ତି ପ୍ରଭାବରେ ନାରୀ ସ୍ୱୟଂ ପବିତ୍ର ହୁଏ ଏବଂ ତାହାରି ପ୍ରଭାବରେ ପତିର କଲ୍ମଷ ମଧ୍ୟ ଦୂର ହୁଏ । ଶେଷରେ ଉଭୟ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସମର୍ଥ ହୁଅନ୍ତି । ଦଶ ବର୍ଷରେ ଆଠ ସନ୍ତାନ ଉତ୍ପାଦନ କରିବା ପତିବ୍ରତାର ଲକ୍ଷ୍ୟ ନୁହେଁ । ପତିବ୍ରତାର ଲକ୍ଷ୍ୟ ସଂଯମ । ପାଶବିକ କ୍ରିୟା ସର୍ବଥା ସଦ୍‌ଗୁଣ ପ୍ରାପ୍ତିରେ ଘୋର ବାଧକ । ବ୍ରହ୍ମଚର୍ଯ୍ୟ ଏପରି ଶକ୍ତିଶାଳୀ ବସ୍ତୁ ଯାହାର ସଂଯମରେ ମନୁଷ୍ୟ ସବୁକିଛି ଉତ୍ତମ କାର୍ଯ୍ୟ କରିବାରେ ସମର୍ଥ ହୁଏ । ଇତିହାସରୁ ଜଣାଯାଏ ଯେ ପତିବ୍ରତା ସ୍ତ୍ରୀମାନଙ୍କର ସନ୍ତାନ ବହୁତ କମ୍ । ଏପରିକି କେହି କେହି ଆରମ୍ଭରୁ ବ୍ରହ୍ମଚର୍ଯ୍ୟ ରଖନ୍ତି । ନାରୀ ପକ୍ଷେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିବା ଏକେବାରେ କଠିନ ନୁହେଁ । ଆରମ୍ଭରେ ଏକପତିନିଷ୍ଠାରେ ପତିସେବା କଲେ ଭଗବତ୍ ଭକ୍ତି ପ୍ରଭାବରେ ସ୍ୱତଃସ୍ଫୂର୍ତ୍ତଭାବେ ସଂଯମ ଆସେ । ଯେଉଁମାନେ ବାଲ୍ୟାବସ୍ଥାରୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖିବାକୁ ଚାହାନ୍ତି, ସେମାନଙ୍କର ବିବାହ କରିବା ଅନାବଶ୍ୟକ । କେବଳ ଏକପତିନିଷ୍ଠ ହେବାରେ ପାତିବ୍ରତ୍ୟ ଧର୍ମ ପୂର୍ଣ୍ଣ ହୁଏ ନାହିଁ । ପତିବ୍ରତା ନାରୀକୁ ନିଷ୍କପଟ, ଦୟା, କରୁଣା, ମୈତ୍ରୀ, ଶାନ୍ତି, ସନ୍ତୋଷ, ସହନଶୀଳତା, କର୍ମରେ ତତ୍ପରତା ଇତ୍ୟାଦି ଗୁଣ ଏବଂ ଭଗବତ୍ ଭକ୍ତି ପ୍ରାପ୍ତ କରିବାକୁ ହୁଏ । କିନ୍ତୁ ଏହିସବୁ ଗୁଣ ଥିବା ସତ୍ତ୍ୱେ ନାରୀ ଯଦି ଏକପତିନିଷ୍ଠ ନ ହୁଏ, ତେବେ ସେ ପତିବ୍ରତା ହୋଇପାରେ ନାହିଁ । ପାତିବ୍ରତ୍ୟ ଧର୍ମର ଅନିବାର୍ଯ୍ୟ, ଅପରିହାର୍ଯ୍ୟ, ପ୍ରଧାନ ଅଙ୍ଗ ହେଉଛି ଏକପତିନିଷ୍ଠା । ଏହାଛଡ଼ା ସ୍ତ୍ରୀ ଧର୍ମପତ୍ନୀ ହେବାର ଅଧିକାରିଣୀ ନୁହେଁ । ଭଗବାନଙ୍କ ଆଶ୍ରୟରେ ପତିନିଷ୍ଠ ହେଲେ ନାରୀ ଅନ୍ୟାନ୍ୟ ସଦ୍‌ଗୁଣ ସହଜରେ ଆୟତ୍ତ କରିପାରେ । ''ରାମଚରିତମାନସ''ରେ ଜଗଜ୍ଜନନୀ ମହାରାଣୀ ସୀତାଙ୍କୁ ଅନସୂୟା ପାତିବ୍ରତ୍ୟ ଧର୍ମର ଲକ୍ଷଣ କହିଥିଲେ :

ଧୀରଜ ଧର୍ମ ମିତ୍ର ଅରୁ ନାରୀ ।
ଆପଦ କାଲ ପରଖିଅହି ଚାରୀ ॥
ବୃଦ୍ଧ ରୋଗବଶ ଜଡ଼ ଧନହୀନା ।
ଅନ୍ଧ ବଧିର କ୍ରୋଧୀ ଅତି ଦୀନା ॥
ଏ ସେହୁ ପତି ପର କିଏ ଅପମାନା ।
ନାରୀ ପାବ ଯମପୁର ଦୁଃଖ ନାନା ॥
ଏକୈ ଧର୍ମ ଏକବ୍ରତ ନେମା ।
କାୟ ବଚନ ମନ ପତି ପଦ ପ୍ରେମା ॥
ଜଗ ପତିବ୍ରତା ଚାରି ବିଧି ଅହହୀ ।
ବେଦ ପୁରାନ ସନ୍ତ ସବ କହହୀ ॥
ଉତ୍ତମ କେ ଆସ ବସ ମନମାହୀ ।
ସପନେହୁଁ ଆନ ପୁରୁଷ ଜଗମହୀ ॥
ମଧ୍ୟମ ପରପତି ଦେଖୈ କୈସେ ।
ଭ୍ରାତା, ପିତା, ପୁତ୍ର ନିଜ ଜୈସେ ॥
ଧର୍ମ ବିଚାରୀ ସମୁଝି କୁଲ ରହଇ ।
ସୋ ନିକୃଷ୍ଟ କ୍ରିୟ ଶ୍ରୁତି ଅସ କହଇ ॥
ବିନୁ ଅବସର ଭୟତେ ରହ ଜୋଇ ।
ଜାନେହୁ ଅଧମ ନାରୀ ଜଗସୋଇ ॥
ପତି ବଞ୍ଚକ ପରପତିରତି କରଇ ।
ରୌରବ ନରକ କଳପସତ ପରଇ ॥
ଛନ ସୁଖ ଲାଗି ଜନମ ସତ କୋଟି ।
ଦୁଃଖ ନ ସମୁଝ ତେହି ସମକୋ ଖୋଟୀ ॥

*(ରାମଚରିତମାନସ, ଅରଣ୍ୟ କାଣ୍ଡ)*

ଅର୍ଥାତ୍, ହେ ରାଜକୁମାରି, ବିପତ୍ତି ସମୟରେ ଧୈର୍ଯ୍ୟ, ଧର୍ମ, ମିତ୍ର, ନାରୀର ପରୀକ୍ଷା ମିଳିପାରେ । ବୃଦ୍ଧ, ରୋଗୀ, ମୂର୍ଖ, ନିର୍ଦ୍ଧନ, ଅନ୍ଧ, ବଧିର, କ୍ରୋଧୀ, ଅତ୍ୟନ୍ତ ଦୀନ ପତିକୁ ନାରୀ ଅପମାନ କଲେ ଯମପୁରୀରେ ନାନା ପ୍ରକାର ଦୁଃଖ ପାଏ । ନାରୀର ଏକମାତ୍ର ଧର୍ମ, ଏକମାତ୍ର ବ୍ରତ, ଏକମାତ୍ର ନିୟମ ହେଉଛି – ମନ, ବଚନ, ଶରୀରରେ ପତିକୁ ପ୍ରେମ କରିବା । ବେଦ, ପୁରାଣ, ସନ୍ଥସବୁ କହନ୍ତି ପତିବ୍ରତା ଚାରି ପ୍ରକାର ହୁଅନ୍ତି । ଯଥା :

**୧. ଉତ୍ତମ ପତିବ୍ରତାର ଲକ୍ଷଣ :** ଉତ୍ତମ ପତିବ୍ରତାର ଦୃଷ୍ଟିରେ ସ୍ୱପ୍ନରେ ବି ଅନ୍ୟ ପୁରୁଷ ଜଗତରେ କେହି ନ ଥାଏ । ଅର୍ଥାତ୍ ନିଜ ପତି ଛଡ଼ା ଅନ୍ୟ ପୁରୁଷକୁ ପୁରୁଷରୂପେ ସେ ଦେଖେ ନାହିଁ, ସେ ସମସ୍ତ ପ୍ରାଣୀରେ ଭଗବାନଙ୍କୁ ଦେଖେ । ପ୍ରତ୍ୟେକ ପୁରୁଷରେ ପରମାତ୍ମାଭାବ ହେଲେ କୌଣସି ପ୍ରକାର ବିକାର ମନରେ ନ ଥାଏ । ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକ ହୋଇ ଯାଇଥାଏ । ଏହାହିଁ ପତିବ୍ରତାର ଚରମ ଅବସ୍ଥା ।

**୨. ମଧ୍ୟମ ପତିବ୍ରତାର ଲକ୍ଷଣ :** ମଧ୍ୟମ ଶ୍ରେଣୀର ପତିବ୍ରତା ପତି ଛଡ଼ା ବୟୋବୃଦ୍ଧ ଅନ୍ୟ ପରୁଷଙ୍କୁ ନିଜ ପିତା, ସମବୟସ୍କ ପୁରୁଷଙ୍କୁ ନିଜ ଭ୍ରାତା, କମ୍ ବୟସ୍କ ପୁରୁଷମାନଙ୍କୁ ନିଜ ପୁତ୍ରତୁଲ୍ୟ ଦେଖେ ।

**୩. ନିକୃଷ୍ଟ ପତିବ୍ରତାର ଲକ୍ଷଣ :** ଧର୍ମ ବିଚାରରେ ଯେଉଁ ସ୍ତ୍ରୀ ପତିନିଷ୍ଠ ହୁଏ, ତାକୁ ନିକୃଷ୍ଟ ପତିବ୍ରତା

କୁହାଯାଏ । ଅର୍ଥାତ୍ ତା' ମନ-ପ୍ରାଣ ପୂର୍ଣ୍ଣତଃ ଶୁଦ୍ଧ ହୋଇ ନ ଥିବାରୁ ସେ ଅନ୍ୟ ପୁରୁଷମାନଙ୍କ ପ୍ରତି ମାନସିକ ଶୁଦ୍ଧ ଭାବ ରଖିପାରେ ନାହିଁ । କିନ୍ତୁ ଧାର୍ମିକ ଧାରଣାରେ ଶରୀର ସଂଯମରେ ରଖେ ଏବଂ ପାତିବ୍ରତ୍ୟ ନିଷ୍ଠା ସହ ପାଳନ କରେ ।

**୪. ଅଧମ ପତିବ୍ରତାର ଲକ୍ଷଣ :** ଯେଉଁ ନାରୀ ସାମାଜିକ ଲଜ୍ଜା, ଭୟ ତଥା ଅନୁକୂଳ ସମୟ ନ ପାଇ ପତିନିଷ୍ଠା ରଖେ, ସେ ଅଧମ ପତିବ୍ରତା । ତଥାପି ସେ ପତିବ୍ରତା ଶ୍ରେଣୀଭୁକ୍ତା । କାରଣ ଏହା ପାତିବ୍ରତ୍ୟ ସାଧନାର ପ୍ରଥମ ଅବସ୍ଥା ।

ସ୍ତ୍ରୀ ପୁରୁଷ ଆସିଛନ୍ତି ପଶୁ ଅବସ୍ଥାରୁ । ସେମାନଙ୍କ ମଧ୍ୟରେ ପ୍ରାଣିକ ପାଶବିକ ପ୍ରବୃତ୍ତି ବିଦ୍ୟମାନ ଥାଏ । କାମପ୍ରବୃତ୍ତି ଅଶୁଦ୍ଧ ନିମ୍ନପ୍ରାଣର ପାଶବିକ ପ୍ରବୃତ୍ତି । ଏହି କାମ, କ୍ରୋଧ, ଲୋଭ, ମୋହାଦି ଶତ୍ରୁ ଅତିଶୟ ପ୍ରବଳ ଏବଂ ଶକ୍ତିଶାଳୀ ତଥା ଛଳ କପଟରେ ପୂର୍ଣ୍ଣ । କେବଳ ଭାଗବତୀ ଶକ୍ତି ପାଖରେ ସେସବୁ ପରାସ୍ତ ହୁଅନ୍ତି । ଏହି କାରଣରୁ ପ୍ରତ୍ୟେକ ନାରୀ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରି ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କଲେ ମା'ଙ୍କ ସାହାଯ୍ୟ ପାଇପାରିବେ । କୌଣସି ପ୍ରତିକୂଳ ଅବସ୍ଥା, କୌଣସି ବିପଦରେ ମା'ଙ୍କୁ ଡାକିଲେ ମା' ରକ୍ଷା କରିବେ । କେବଳ ମା'ଙ୍କ ଆଶ୍ରୟରେ ନାରୀମାନେ ଆଲୋଚିତ ହୋଇଥିବା ଚାରିପ୍ରକାର ପାତିବ୍ରତ୍ୟ ଅବସ୍ଥାକୁ ଅତିକ୍ରମ କରି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରିବେ ।

ମନୁଷ୍ୟର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଅନୁସାରେ ଭଗବତ୍‌ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନରୂପେ ବ୍ୟବସ୍ଥା କରା ହୋଇଅଛି । ନାରୀମାନଙ୍କ ସକାଶେ ସରଳ ତଥା ସୁଖପ୍ରଦ ମାର୍ଗ ପାତିବ୍ରତ୍ୟ ।

ଯେଉଁ ସ୍ତ୍ରୀମାନେ ପତିକୁ ପ୍ରବଞ୍ଚନା କରି ପରପୁରୁଷ ସହିତ ପ୍ରୀତି କରନ୍ତି, ସେମାନଙ୍କୁ ସମାଜରେ ନିନ୍ଦା କରାହୁଏ; ମୃତ୍ୟୁପରେ ରୌରବ ନରକରେ ପଡ଼ି ମହାଦୁଃଖ ଭୋଗ କରିବାକୁ ପଡ଼େ । ଧର୍ମମାର୍ଗ ତ୍ୟାଗ କଲେ ଅବଶ୍ୟ ଦୁଃଖ ଯାତନା ମିଳେ, ସେଥିରେ କୌଣସି ସନ୍ଦେହ ନାହିଁ । କ୍ଷଣିକ କୃତ୍ରିମ ସୁଖ ସକାଶେ ଯେଉଁ ସ୍ତ୍ରୀମାନେ ପାତିବ୍ରତ୍ୟ ତ୍ୟାଗ କରନ୍ତି, ସେମାନେ ଅନେକ ଜନ୍ମ ପର୍ଯ୍ୟନ୍ତ ଦୁଃଖଭୋଗ କରନ୍ତି । ସେମାନେ ଯଥାର୍ଥରେ ମୂର୍ଖ ତଥା ଦୁଷ୍ଟ । ନିଜର ହିତ ଅହିତ ବୁଝିବାରେ ଅସମର୍ଥ ।

ପତିବ୍ରତା ନାରୀ ନିଜ ସଦ୍‌ଗୁଣରେ ସମସ୍ତ ଦୁଃଖକଷ୍ଟ ଆନନ୍ଦରେ ବରଦାସ୍ତ କରି ଦୁଷ୍ଟ ପ୍ରକୃତିର ବ୍ୟକ୍ତିକୁ କିପରି ପରିବର୍ତ୍ତନ କରିପାରନ୍ତି, ଭଗବତ୍ ଭକ୍ତା, ପତିବ୍ରତା ହରଦେବୀଙ୍କ ଜୀବନଚରିତରୁ ତାହା ଆମ୍ଭେମାନେ ଜାଣିପାରିବା ।

## ପତିବ୍ରତା ଭଗବତ୍ ଭକ୍ତିପରାୟଣା ହରଦେବୀ

ହରଦେବୀ ଗଜଦେବୀଙ୍କ କନ୍ୟା ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶେଠ ସ୍ଥାନକଦେବ । ହରଦେବୀଙ୍କ ମା' ଗଜଦେବୀ ଥିଲେ ପତିବ୍ରତା ତଥା ଭଗବତ୍ ଭକ୍ତିପରାୟଣା ସଦାଚାରିଣୀ ମହିଳା । ସେ ପ୍ରତିଦିନ ନିୟମିତରୂପେ ଗୃହରେ ଭଗବାନଙ୍କ ବିଗ୍ରହ ରଖି ପୂଜା କରନ୍ତି, ପତିଙ୍କୁ ଭଗବାନଙ୍କ ପ୍ରତିନିଧିରୂପେ ଭକ୍ତି କରନ୍ତି । ତାଙ୍କର ଏକମାତ୍ର କନ୍ୟା ହରଦେବୀ । ସେ ବାଲ୍ୟାବସ୍ଥାରୁ ମା'ଙ୍କ ସଙ୍ଗେ ରହି ଭଗବାନଙ୍କ ପୂଜା ଦେଖେ, ମା' ହାତଯୋଡ଼ି ପ୍ରଣାମ କରୁଥିବା ଦେଖି ପ୍ରଣାମ କରେ । ଶିଶୁ ଅବସ୍ଥାରୁ ମା'ର ସଦାଚାର, ସଦ୍‌ଗୁଣ, ଭଗବତ୍ ଭକ୍ତିର ପ୍ରଭାବ ହରଦେବୀଙ୍କ ଅନ୍ତଃକରଣରେ ପ୍ରତିଷ୍ଠିତ ହୋଇ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେବାକୁ ଲାଗିଲା । ଉପଯୁକ୍ତ ସମୟରେ ଚମ୍ପକପୁର ନିବାସୀ ଗୁଣଦେବଙ୍କ ପୁତ୍ର ହର୍ଷଦେବଙ୍କ ସହିତ ବହୁ ସମାରୋହରେ ହରଦେବୀଙ୍କର ବିବାହ ହୋଇଗଲା । ବିବାହ ପରେ କନ୍ୟା-ବିଦା ବା ବର-ବାହୁଡ଼ା ଦିନ ଗଜଦେବୀଙ୍କୁ ଭୟଙ୍କର ଜ୍ୱର ହେଲା । ପିତା ସ୍ଥାନକଦେବ ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବମାନେ କନ୍ୟାବିଦାୟ କାର୍ଯ୍ୟରେ ଲାଗିପଡ଼ିଥାଆନ୍ତି । ଗଜଦେବୀ କାର୍ଯ୍ୟ କରିବାରେ ଅସମର୍ଥ ହୋଇ ସମସ୍ତ କାର୍ଯ୍ୟ ଛାଡ଼ି ପୂଜାଗୃହରେ ଠାକୁରଙ୍କ ଚରଣରେ ପଡ଼ିଗଲେ । ଏପରି ଭୟଙ୍କର ଜ୍ୱର ଅବସ୍ଥାରେ ଦୁଃଖ ନ ଥିଲା, ଥିଲା

ହୃଦୟରେ ପ୍ରଫୁଲ୍ଲତା, ନେତ୍ରରେ ପ୍ରେମ ଭକ୍ତିର ଅଶ୍ରୁ । ସେ ଗଦଗଦ ହୋଇ ପ୍ରେମବିଭୋର ଅସ୍ପଷ୍ଟ ସ୍ୱରରେ କହିଲେ, ''ହେ ନାଥ, ହେ ମୋ ପ୍ରାଣନାଥ ପ୍ରଭୁ, ମନେହେଉଛି ତୁ ମୋତେ ନିତ୍ୟ ଶାଶ୍ୱତ ସେବାରେ ସ୍ୱୀକାର କରିବାକୁ ଚାହୁଁଛୁ । ମୋର ମନ, ପ୍ରାଣ ତୋରି କୃପାରେ ତୋ ଚରଣରେ ସମର୍ପିତ ହୋଇସାରିଛି । ମୁଁ, ମୋର ଯାହାକିଛି, ସବୁ ତୋର । ତୁ ମୋ ହୃଦୟରେ ବିରାଜମାନ ହୋଇ ମୋ ମନ, ପ୍ରାଣକୁ ପରିଚାଳନା କରୁଅଛୁ । ଯେଉଁ ହୃଦୟରେ ତୋର ନିବାସ, ସେଠାରେ କାମନା ବାସନା ଆସିବ କେଉଁଠୁ ? ବର୍ତ୍ତମାନ ମୋ ମନରେ ଯେଉଁ କାମନା ଉତ୍ପନ୍ନ ହେଉଛି, ମନେହେଉଛି ତାହା ତୋରିହିଁ ପ୍ରେରଣା । ପ୍ରଭୁ ! ସେ କାମନା ତୋତେ ଅଗୋଚର ନୁହେଁ । ତଥାପି ମୁଁ ନିବେଦନ କରୁଅଛି । ହେ ଦୟାମୟ, ମୋ ସ୍ୱାମୀ ଓ ଏହି ବାଳିକା ହରଦେବୀଙ୍କୁ ତୁ ସ୍ୱୀକାର କରି ନେ । ହେ କରୁଣାମୟ ପ୍ରଭୁ, ଯଦ୍ୟପି ଆଜି ସେ ସଂସାରବନ୍ଧନରେ ବାନ୍ଧି ହୋଇଯାଉଛି ତଥାପି ତୁ ସ୍ୱୀକାର କରିନେଲେ ସବୁ ବନ୍ଧନ ମୁକ୍ତିରେ ପରିଣତ ହୋଇଯିବ । ମୁଁ ଏତିକି ପ୍ରାର୍ଥନା କରୁଅଛି, ତୋର କୃପାଦୃଷ୍ଟି ତା' ଉପରେ ରହୁ, ଶେଷରେ ତୋରି ସେବା ପ୍ରାପ୍ତ କରୁ । ତୁ ତ' ସବୁକିଛି ଜାଣୁ, ତୋର ପ୍ରତିନିଧିରୂପେ ମୋ ପତି ସମ୍ବନ୍ଧେ କ'ଣ କହିବି ?'' ଏତିକି କହିବା ପରେ ପ୍ରେମାବେଗରେ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ଆଉ ସେ କିଛି କହିପାରିଲେ ନାହିଁ ।

ଭଗବାନ୍ ସବୁସମୟରେ ଭକ୍ତ ସଙ୍ଗେ ସଙ୍ଗେ ଥାଆନ୍ତି । ବ୍ୟାକୁଳ ପ୍ରାର୍ଥନାରେ ସେ ପ୍ରଘଟ ନ ହୋଇ ରହିପାରନ୍ତି ନାହିଁ । ଯେଉଁଠି ନିଷ୍କପଟ ପ୍ରାର୍ଥନା ସେଇଠି ଭଗବାନ୍ । ଗଜଦେବୀଙ୍କ ପ୍ରତିମାରୁ ସକଳ ସୌନ୍ଦର୍ଯ୍ୟ, ଲାବଣ୍ୟ, ଆନନ୍ଦାଦି ଦିବ୍ୟଗୁଣଯୁକ୍ତ ଭଗବାନ୍ ପ୍ରକଟ ହୋଇ କହିଲେ, ''ଦେବି, ତୁ ମୋର ଭକ୍ତ । ତୋ ସଂକଳ୍ପ ସର୍ବଥା ସତ୍ୟ । ହରଦେବୀ ତୋ ପ୍ରଭାବରୁ ବାଲ୍ୟାବସ୍ଥାରୁ ମୋତେ ଭକ୍ତି କରୁଅଛି । ମୋତେ ଯିଏ ଭକ୍ତି କରେ, ମୁଁ ତା' ସଙ୍ଗେ ସଙ୍ଗେ ଥାଏ । ତା'ର ବିପଦ କେଉଁଠି ? ତଥାପି ହରଦେବୀ ସକାଶେ ଚାହିଁବା ବର ମୁଁ ଦେଉଅଛି । ସେ ଭକ୍ତିପରାୟଣା ହୋଇ ଶେଷରେ ତୋ ସହିତ ମୋ ନିତ୍ୟଧାମରେ ବାସ କରିବ । ତୋ ପତି ମଧ ନଶ୍ୱର ଶରୀର ତ୍ୟାଗ କରି ମୋତେ ପ୍ରାପ୍ତ କରିବ ।'' ଏତିକି କହିବା ପରେ ଗୋଟାଏ ପ୍ରକାଶ ହୋଇଗଲା । ସେହି ପ୍ରକାଶରେ ଭଗବାନଙ୍କର ଦିବ୍ୟ ବିଗ୍ରହ ଅଦୃଶ୍ୟ ହୋଇଗଲେ । ଭଗବାନଙ୍କ ଦର୍ଶନାନନ୍ଦରେ ଗଜଦେବୀ ବିଭୋର ହୋଇଗଲେ । ତାଙ୍କ ନେତ୍ରରୁ ଅଶ୍ରୁଧାରା ବହିବାକୁ ଲାଗିଲା । ଶରୀରରେ କମ୍ପନ, ପୁଲକାଦି ଅଷ୍ଟ ସାତ୍ତ୍ୱିକ ଭାବ ସ୍ପଷ୍ଟରୂପେ ଦେଖାଗଲା । ସେ ବାହ୍ୟଜ୍ଞାନ ଶୂନ୍ୟ ହୋଇ ପ୍ରେମ-ସମାଧିସ୍ଥ ହୋଇଗଲେ ।

କିଛି ସମୟ ପରେ ପତି ସ୍ଥାନକଦେବ ଆସି ଗଜଦେବୀଙ୍କ ଅବସ୍ଥା ଦେଖି ବିସ୍ମିତ ହୋଇ ଶରୀର ସ୍ପର୍ଶ କରି ସଚେତ କଲେ । ଗଜଦେବୀ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ କହିଲେ, ''ପତିଦେବ, ମୁଁ ଏବେ ପରମ ପତି ପରମାତ୍ମାଙ୍କ ନିଜ ଧାମକୁ ଯାତ୍ରା କରୁଅଛି । ଭଗବାନଙ୍କୁ ପ୍ରାପ୍ତ କରିବାହିଁ ମନୁଷ୍ୟଜୀବନର ପରମ ଫଳ । ଏହି ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଥାଏ । ଏଥିରେ ଶୋକ କରିବାର କିଛି ନାହିଁ । ଆନନ୍ଦପୂର୍ବକ ହରଦେବୀକୁ ବିଦା କରିଦିଅ । ତା'ପରେ ମୁଁ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଧାମକୁ ଚାଲିଯିବି । ହରଦେବୀକୁ ମୋ ପାଖକୁ ପଠାଇଦିଅ ।'' ସ୍ଥାନକଦେବ ଭକ୍ତ ଥିଲେ । ଭଗବାନଙ୍କ କୃପାରୁ ଗଜଦେବୀ ଭଗବାନଙ୍କ ନିତ୍ୟସେବାକୁ ପ୍ରାପ୍ତ ହେବା ଜାଣି ଦୁଃଖ, ବେଦନାକୁ ସଂଯମ କରି ହରଦେବୀକୁ ମା' ପାଖକୁ ପଠାଇଦେଇ ତା'ର ବିଦାୟ କାର୍ଯ୍ୟରେ ଲାଗିପଡ଼ିଲେ । କିନ୍ତୁ ତାଙ୍କ ମନ ଗଜଦେବୀଙ୍କ ସେହି ବାକ୍ୟ ସ୍ମରଣ କରୁଥିଲା । ମା' ହରଦେବୀକୁ ହୃଦୟରେ ଲଗାଇନେଇ କହିଲେ, ''ମା, ମୁଁ ଯାଉଛି । ତୋତେ ଏକା ଛାଡ଼ି ଯାଉ ନାହିଁ । ତୋତେ ମୋ ପରମ ଆରାଧ ଦେବ, ପ୍ରାଣପ୍ରିୟ, ପରମ ପତି, ପରମେଶ୍ୱରଙ୍କ ଚରଣରେ ସମର୍ପଣ କରିଯାଉଛି । ସେ ତୋ ସଙ୍ଗେ ରହିବେ । ତୋର ଯୋଗକ୍ଷେମ ବହନ କରିବେ । କିନ୍ତୁ ସଂସାରଜୀବନରେ ମହାନ୍ ପରୀକ୍ଷାସବୁ ଆସିବ । ସେଥିରେ ତୁ ବିଚଳିତ ନ ହୋଇ ଭଗବତ୍ ବିଶ୍ୱାସ ନ ହରେଇ ଭଗବାନଙ୍କୁ ଡାକିବୁ । ସେହି ତୋତେ ଧୈର୍ଯ୍ୟ, ସାହସ, ବଳ, ବୁଦ୍ଧି ଦେଇ ସମସ୍ତ ବିପଦ-ଆପଦରୁ ରକ୍ଷା କରିବେ । ତୁ ତୋର ମନ, ବୁଦ୍ଧି, ତୋର ଯାହାକିଛି ତାଙ୍କୁ ସମସ୍ତ ସମର୍ପଣ କରିଦେ ! ସଂସାରର ସମସ୍ତ ପ୍ରକାର ସୁଖ ତଥା ଦୁଃଖକୁ କୌଣସି ମହତ୍ତ୍ୱ ଦେବୁ ନାହିଁ । ସମସ୍ତ ସୁଖଦୁଃଖରେ ଭଗବାନଙ୍କ ବିଧାନ ଅନୁଭବ କରିବୁ । ଏଥିରେହିଁ ସମସ୍ତ ଦୁଃଖ

ପରମ ସୁଖରେ ପରିଣତ ହେବ ।'' ଏକଥା ଶୁଣିବା ମାତ୍ରେ ହରଦେବୀ ନିଜକୁ ସମ୍ଭାଳି ନ ପାରି ଉଚ୍ଚ ସ୍ୱରରେ ମା'ଙ୍କୁ ଧରି କାନ୍ଦିବାକୁ ଲାଗିଲେ । ସେ ମା'ର ଏକମାତ୍ର କନ୍ୟା, ବାଲ୍ୟାବସ୍ଥାରୁ ପିତାମାତାଙ୍କ ସ୍ନେହରେ ପାଳିତ ହୋଇଥିଲେ, ଦୁଃଖ କ'ଣ ଜାଣି ନ ଥିଲେ । ପିତାମାତାଙ୍କୁ ଛାଡ଼ି ଅଜଣା ଅଚିହ୍ନା ଗ୍ରାମ, ଅଜଣା ଅଚିହ୍ନା ପତିଗୃହକୁ ଯାଉଥିବାରୁ ଦାରୁଣ ବେଦନା ଥିଲା । ତା' ସଙ୍ଗେ ମା'ଠାରୁ ଚିର ବିୟୋଗ ଆଶଙ୍କାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । କନ୍ୟା ହରଦେବୀର ଶୋକ ଦୂର ହେବା ସକାଶେ ଗଜଦେବୀ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରି ହରଦେବୀଙ୍କୁ କହିଲେ, ''ହର, ତୁ ମୋ ଗର୍ଭରୁ ଜାତ ହୋଇଅଛୁ । ବାଲ୍ୟକାଳରୁ ଭଗବାନଙ୍କୁ ଭକ୍ତି କରି ଆସିଅଛୁ । ମୁଁ ତୋତେ ଭଗବାନଙ୍କୁ ସମର୍ପଣ କରିଦେଇଛି; ଭଗବାନ୍ ମଧ୍ୟ ସ୍ୱୀକାର କରିଅଛନ୍ତି । ଭଗବାନ୍ ତୋ ସଙ୍ଗେ ସର୍ବଦା ରହିବେ । ଯଥାର୍ଥରେ ସେହିଁ ଚିରସାଥୀ । ନୂତନ ପିତାମାତା ପ୍ରତ୍ୟେକ ଜନ୍ମରେ ହୁଅନ୍ତି, ମୃତ୍ୟୁ ପରେ ଭୁଲିଯାଆନ୍ତି । ଭଗବାନ୍ ଜୀବକୁ କେବେ ବି ଭୁଲନ୍ତି ନାହିଁ । ମୋ ଠାକୁରଙ୍କୁ ସଙ୍ଗରେ ନେ, ଭକ୍ତିଭାବରେ ସେବା କରିବୁ । ଭଗବାନଙ୍କ ଆଶ୍ରୟରେ ସଂସାରର ଦୁଃଖକଷ୍ଟରେ ବିଚଳିତ ହେବୁ ନାହିଁ ।'' ଗଜଦେବୀଙ୍କ ଏହି କଥା ସମାପ୍ତ ହେବା ସଙ୍ଗେ ସଙ୍ଗେ ଠାକୁରଙ୍କ ସହିତ ସିଂହାସନ ସ୍ୱତଃ ହରଦେବୀଙ୍କ କୋଳକୁ ଆସିଗଲା । ଗଜଦେବୀ ଆନନ୍ଦରେ କହିଲେ, ''ଭଗବାନ୍ ଯେ ତୋ ସଙ୍ଗେ ରହିବେ ଏହାର ପ୍ରମାଣସ୍ୱରୂପ ସେ ସ୍ୱୟଂ ତୋ କୋଳକୁ ଆସିଗଲେ । ତୁ ଆଉ ଶୋକ କର ନାହିଁ ।'' ହରଦେବୀଙ୍କ ଶୋକ ଦୂର ହୋଇଗଲା । ସେ ମା'ଙ୍କୁ ଧରି କହିଲେ, ''ମା, ଭଗବାନଙ୍କ କୃପାରୁ ତୋ ଗର୍ଭରୁ ଜନ୍ମ ଗ୍ରହଣ କରି ମାତାରୂପେ ତୋତେ ପାଇଛି । ଏହା ମୋର ଅତ୍ୟନ୍ତ ସୌଭାଗ୍ୟ । ଏପରି ମା' ସଂସାରରେ କେତେ ଜଣ ଅଛନ୍ତି ଯେ ସନ୍ତାନକୁ ଭଗବଦ୍ ଭକ୍ତି ଶିକ୍ଷାଦିଅନ୍ତି ? ମା', ତୋର ଆଶୀର୍ବାଦ ତଥା ଭଗବାନଙ୍କ କୃପାରୁ ତୋର ଶିକ୍ଷା ଅକ୍ଷରେ ଅକ୍ଷରେ ପାଳନ କରିବି । ତୁ ଆନନ୍ଦରେ ଯାଇ ଭଗବଦ୍ ଧାମରେ ନିବାସ କର ।'' ଏହା କହି ହରଦେବୀ ମା'କୁ ଦୁଇ ହାତରେ ଆଲିଙ୍ଗନ କରି ମା' ହୃଦୟରେ ମସ୍ତକ ରଖି ମାତୃସ୍ନେହ, ଭଗବାନଙ୍କ ପ୍ରତି କୃତଜ୍ଞତାରେ ପ୍ରେମାଶ୍ରୁରେ ମା' ହୃଦୟକୁ ତିନ୍ତେଇଦେଲେ । ମା' ହରଦେବୀର ମସ୍ତକ ଆଉଁସି ସାନ୍ତ୍ୱନା ଦେଇ ବିଦାକଲେ । ହରଦେବୀ ଠାକୁରଙ୍କୁ ସୁରକ୍ଷିତ ସ୍ଥାନରେ ରଖି ମା'ର ସେବା ସକାଶେ ବିଶ୍ୱାସୀ ସେବିକାକୁ ପଠାଇଦେଲେ ।

ହରଦେବୀ ତଥା ସ୍ଥାନକଦେବଙ୍କ ହୃଦୟ ଭଗବଦ୍ ଭକ୍ତି ଭାବରେ ପୂର୍ଣ୍ଣ ଥିଲା । ମନ-ଭ୍ରମର ଭଗବଦ୍ କୃପା, ଦୟା, କରୁଣା ପ୍ରସ୍ଫୁଟିତ ପୁଷ୍ପରେ ବିଚରଣ କରୁଥିଲା । ଶରୀର କେବଳ ଯନ୍ତ୍ରବତ୍ ପରିଚାଳିତ ହେଉଥିଲା । ସ୍ଥାନକଦେବ କନ୍ୟା-ବିଦାୟ କାର୍ଯ୍ୟ ଶେଷ କଲେ । ହରଦେବୀ ପୁନର୍ବାର ଆସି ମା'ଙ୍କ ଚରଣରେ ପ୍ରଣାମ କଲେ । ମା' ହୃଦୟରେ ଲଗାଇନେଇ ମଥା ଆଉଁସି ଦେଇ ଆଶୀର୍ବାଦ ଦେଲେ । ହରଦେବୀ ମା'ଙ୍କଠାରୁ ବିଦାୟ ନେଇ ଠାକୁରଙ୍କୁ ସଙ୍ଗରେ ନେଇ ଶବାରି ଆରୋହଣ କଲେ ।

ସ୍ଥାନକଦେବ କନ୍ୟା ବିଦାକରି ଗଜଦେବୀ ଥିବା ଠାକୁର ମନ୍ଦିରରେ ଉପସ୍ଥିତ ହେଲେ । କିଛି ସମୟ ପରେ ଗଜଦେବୀ ଆନନ୍ଦ ଉତ୍ସାହରେ ହାସ୍ୟ ମୁଖରେ ଭଗବାନଙ୍କ ନାମ ଉଚ୍ଚାରଣ କରି ପତିଦେବଙ୍କ କୋଳରେ ନଶ୍ୱର ଶରୀର ତ୍ୟାଗ କଲେ । ସ୍ଥାନକଦେବ ଗଜଦେବୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶ୍ରଦ୍ଧା ସହ ବିଧିବିଧାନରେ ସମାପ୍ତ କଲେ ।

ହରଦେବୀଙ୍କ ଶଶୁର ଗୁଣଦେବ ଯଥାର୍ଥରେ ଗୁଣବାନ୍ ପୁରୁଷ ଥିଲେ । ପିତାଙ୍କ ସଦୃଶ ପୁତ୍ର ହର୍ଷଦେବ ମଧ୍ୟ ସଦ୍‌ଗୁଣଯୁକ୍ତ, ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ । କିନ୍ତୁ ଗୋଲାପ ଗଛରେ କଣ୍ଟା ଥିବା ସଦୃଶ ହର୍ଷଦେବଙ୍କ ମା' ଶ୍ୟାମଳା କର୍କଶା, ଦୁଷ୍ଟା, ଅସହିଷ୍ଣୁ, କ୍ରୂର ସ୍ୱଭାବର ସ୍ତ୍ରୀ ଥିଲା । ସେ ଅବସର ପାଇବା ମାତ୍ରେ ହରଦେବୀ ପ୍ରତି ଯଦ୍ୟପି ନିର୍ଦ୍ଦୟ ବ୍ୟବହାର କରୁଥିଲା ତଥାପି ନିଜ ପତି ଗୁଣଦେବଙ୍କ ଭୟରେ ହରଦେବୀଙ୍କ ପ୍ରତି ପ୍ରକାଶ୍ୟରେ ଦୁର୍ବ୍ୟବହାର କରିବାକୁ ସାହସ କରୁ ନ ଥିଲା ।

ଜୀବନର ଗତି ବିଚିତ୍ର । ଜୀବନ କେବେ ସୁଖଭୋଗରେ ବସନ୍ତ ଋତୁର ବୃକ୍ଷ ପରି ପଲ୍ଲବିତ, ପୁଷ୍ପିତ ହୁଏ ତ କେବେ ଦୁଃଖ ଶୋକରେ ଜର୍ଜରିତ ହୁଏ । ହରଦେବୀଙ୍କ ଜୀବନର ବିପରୀତ ନୂତନ ଅଧ୍ୟାୟ ଆରମ୍ଭ ହେଲା । ପିତୃଗୃହରେ ଅଲିଅଳ ଜେମା ହୋଇ ପିତାମାତାଙ୍କ ସ୍ନେହରେ ପାଳିତ ହୋଇଥିଲେ । ତାହାର ବିପରୀତ ଦୁଃଖ, କଷ୍ଟ, ତ୍ରାସ,

ପରୀକ୍ଷାରେ ଯାତ୍ରା କରିବାର ସମୟ ଆସିଲା । ହରଦେବୀ ପତିଗୃହକୁ ଆସିବାର ଏକ ବର୍ଷ ପରେ ତାଙ୍କ ଶଶୁର ଗୁଣଦେବ ନଶ୍ୱର ଶରୀର ପରିତ୍ୟାଗ କରି ପରମଧାମ ଯାତ୍ରା କଲେ । ଶ୍ୟାମଳା ହେଲା ସ୍ୱାଧୀନ । ପୁତ୍ର ହର୍ଷଦେବଙ୍କର ବହୁତ ସଙ୍କୋଚ ସ୍ୱଭାବ । ସେ ମା'ଙ୍କୁ ବହୁତ ସମ୍ମାନ କରନ୍ତି । ଏହି ସୁଯୋଗରେ ଶ୍ୟାମଳା ହରଦେବୀଙ୍କ ଉପରେ ଅତ୍ୟାଚାର କରିବାକୁ ଆରମ୍ଭ କଲା । ଘରର ରୋଷେଇଆ, ଘର କାମ କରୁଥିବା ଚାକରାଣୀକୁ ବାହାର କରିଦେଲା । ରୋଷେଇ ତଥା ଘରର ସମସ୍ତ କାର୍ଯ୍ୟ କରିବାକୁ ହେଲା ହରଦେବୀଙ୍କୁ । ସେ ଭୋର ଚାରିଟାରୁ ଉଠି ସ୍ନାନ କରି ଭଗବାନଙ୍କ ବିଗ୍ରହକୁ ସେବା-ପୂଜା କରନ୍ତି, କିଛି ସମୟ ଧ୍ୟାନ ପରେ କାମରେ ଲାଗିପଡ଼ନ୍ତି । ଘର ଝାଡୁ ଦିଅନ୍ତି, ଚଉକା ଲଗାନ୍ତି, ବାସନ ଧୁଅନ୍ତି, ଗୁହାଳ ପୋଛନ୍ତି, ଗହମ ଚୂରନ୍ତି, ରୋଷେଇ କରନ୍ତି । ଶ୍ୟାମଳା କେବଳ ପୁଅକୁ ପରଷେ, ନିଜେ ପରଷି ନେଇ ହରଦେବୀଙ୍କ ପାଇଁ କେବେ ଟିକିଏ ତରକାରି ରଖିଲେ ରଖେ ଅଥବା ସମସ୍ତ ତରକାରି ସମାପ୍ତ କରି କେବଳ ଶୁଖିଲା ରୋଟି ରଖିଦିଏ । ଘରର ଜିନିଷପତ୍ର ସବୁ ଶ୍ୟାମଳା ପାଖରେ । ସେ ଯାହା ଦେବ ତାହାହିଁ ରୋଷେଇ ହେବ । ସେ ଏତିକି ପରିମାଣରେ ପରିବା ଦିଏ ଯେପରି ହରଦେବୀଙ୍କ ସକାଶେ ନ ରହେ ।

ହରଦେବୀଙ୍କ ହୃଦୟରେ ଭଗବତ୍ ଭକ୍ତି-ଭାଗୀରଥୀ ସ୍ରୋତ ପ୍ରବାହିତ ହେଉଥାଏ । ତାଙ୍କ ମନ-ଭ୍ରମର ଭଗବାନଙ୍କ ଚରଣକମଳରେ ନିରନ୍ତର ବିଚରଣ କରୁଥାଏ । ଭଗବତ୍ ଭକ୍ତି ପ୍ରଭାବରୁ ତାଙ୍କ ହୃଦୟରେ ଥାଏ ଶାନ୍ତି, ସନ୍ତୋଷ, ଆନନ୍ଦ, ପ୍ରସନ୍ନତା । ସେ ସମସ୍ତ ପ୍ରାଣୀ ମଧ୍ୟରେ ଭଗବତ୍ ଦର୍ଶନ କରୁଥା'ନ୍ତି । ପ୍ରତ୍ୟେକ କାର୍ଯ୍ୟରେ ଭଗବତ୍ ପ୍ରେରଣା ପାଉଥାଆନ୍ତି । ତାଙ୍କର କେହି ଶତ୍ରୁ ମିତ୍ର ନ ଥା'ନ୍ତି । ସେ ଦେଖନ୍ତି ପ୍ରତ୍ୟେକ ପ୍ରାଣୀ ଅନ୍ୟ ଶକ୍ତି ଦ୍ୱାରା ପୁତ୍ତଳିକା ସଦୃଶ ନାଚୁଛନ୍ତି । ସେଥିପାଇଁ ଶାଶୂର ଦୁର୍ବ୍ୟବହାର, ତାଙ୍କ ପ୍ରତି ଅତ୍ୟାଚାରକୁ ସେ ଭ୍ରୂକ୍ଷେପ କରନ୍ତି ନାହିଁ । ଶାଶୂର ଦୁର୍ବ୍ୟବହାରର ପ୍ରଭାବ ତାଙ୍କୁ ସ୍ପର୍ଶ କରିପାରେ ନାହିଁ ।

ଯେ କେହି ବ୍ୟକ୍ତି ଅନ୍ୟକୁ ହିଂସା କରେ, ଦ୍ୱେଷ ରଖେ, ରାଗ କରେ, ସେହି ହିଂସା, ଦ୍ୱେଷ, ରାଗକୁ ସେ ବ୍ୟକ୍ତି ଯଦି ଗ୍ରହଣ ନ କରେ ଅର୍ଥାତ୍ ରାଗ କରିବା ବ୍ୟକ୍ତି ପ୍ରତି ରାଗ ନ କରେ, ଦ୍ୱେଷ ରଖିବା ବ୍ୟକ୍ତି ପ୍ରତି ଦ୍ୱେଷ ନ ରଖି ଶାନ୍ତ ରହେ, ହିଂସା କରିବା ବ୍ୟକ୍ତି ପ୍ରତି ସହାନୁଭୂତି ପ୍ରକାଶ କରେ, ତେବେ ତାହାର ପ୍ରତିକ୍ରିୟା ଭୀଷଣ ଭାବେ ରାଗ କରିବା ବ୍ୟକ୍ତିର ମଧ୍ୟରେ ହୁଏ । ଯେଉଁସବୁ ଦୁର୍ଗୁଣ ପ୍ରକାଶ ହୁଏ, ତାହା ବ୍ୟର୍ଥ ହୁଏ ନାହିଁ । ତାକୁ ଅନ୍ୟ ସ୍ଥାନ ନ ମିଳିଲେ ପ୍ରକାଶ ହୋଇଥିବା ସ୍ଥାନରେ କ୍ରିୟା କରେ । ସବୁଠାରୁ ଉତ୍ତମ ପ୍ରକ୍ରିୟା ହେଲା ଦ୍ୱେଷ କରୁଥିବା ବ୍ୟକ୍ତିର କର୍ମକୁ ନିଜ ମଧ୍ୟରେ କ୍ରିୟା କରିବାକୁ ନ ଦେଇ ଶାନ୍ତ ରହିବା । ଏହା ହୁଏ କେବଳ ଭଗବତ୍ ଭକ୍ତିରେ । ଅନ୍ୟ କୌଣସି ବାହ୍ୟ ସାମାଜିକ ନୈତିକ ବିଚାର ଦ୍ୱାରା ହୁଏ ନାହିଁ । ସେହି ସକାଶେ ବୀରବାଉଟି ଯନ୍ତ୍ର ମନ୍ତ୍ର ଭଗବତ୍ ଭକ୍ତ ଉପରେ କ୍ରିୟାଶୀଳ ହୁଏ ନାହିଁ, ପ୍ରୟୋଗ କରିଥିବା ବ୍ୟକ୍ତି ଉପରେ ପ୍ରତିକ୍ରିୟା କରେ ।

ହରଦେବୀ ଭଗବତ୍ ଭକ୍ତିର ପରମାନନ୍ଦରେ ବିଭୋର ଥିଲେ । ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ ପ୍ରସନ୍ନତାପୂର୍ବକ କରୁଥିଲେ । ସେଥିରେ ତାଙ୍କୁ ବଡ଼ ଆନନ୍ଦ ମିଳୁଥିଲା । ଯଦ୍ୟପି ତାଙ୍କର ବାଲ୍ୟାବସ୍ଥାରୁ ଶାରୀରିକ ପରିଶ୍ରମ କରିବାର ଅଭ୍ୟାସ ନ ଥିଲା ତଥାପି ଭଗବତ୍ ପ୍ରେମରେ ନିମଗ୍ନ ରହିବାରୁ ତାଙ୍କୁ ଭଗବତ୍ ଶକ୍ତି ପ୍ରାପ୍ତ ହୋଇଥିଲା । ସେ ସମସ୍ତ କାର୍ଯ୍ୟ ଉତ୍ତମରୂପେ କରିବା ସତ୍ତ୍ୱେ କ୍ଳାନ୍ତ ହେଉ ନ ଥିଲେ । ଭକ୍ତମାନେ ଯେପରି ସମସ୍ତ ଦୁଃଖକଷ୍ଟ ସହ୍ୟ କରନ୍ତି, ଦୁଷ୍ଟମାନେ ମଧ୍ୟ ତାହାର ବିପରୀତ ଦୁର୍ବ୍ୟବହାର କରନ୍ତି । ହରଦେବୀ ସମସ୍ତ କାର୍ଯ୍ୟ କରି ଶୁଖିଲା ରୁଟି ଖାଇ ସନ୍ତୋଷ ରହିବା ସତ୍ତ୍ୱେ ଶାଶୂ ବିନା କାରଣରେ ହରଦେବୀଙ୍କ କାମରେ ଦୋଷ ବାହାର କରି ତାଙ୍କ ପିତାମାତା ତଥା ତାଙ୍କୁ ବହୁତ ଖରାପ ଗାଳି ଦେଉଥିଲା । ହରଦେବୀଙ୍କର ଭଗବତ୍ ଭକ୍ତି ଏପରିଭାବେ ବୃଦ୍ଧି ହେଲା ଯେ ସେ ଶାଶୂର ଗାଳିକୁ କାନ ଦେଇପାରିଲେ ନାହିଁ । ମନ ତ ଗୋଟାଏ, ତାହା ଭଗବାନଙ୍କ ଚରଣରେ ଲାଗିଥାଏ; ଶାଶୂର ଗାଳି ଶୁଣିବ କିଏ ? ଗାଳିରେ ଶାଶୂ ଅସଫଳ ହୋଇ କେବେ ହାତ ଉଠାଇବାକୁ ଆରମ୍ଭ କଲା ।

ହରଦେବୀଙ୍କ ବିନା ଦୋଷରେ ତାଙ୍କ ପ୍ରତି ମା'ର ଏପରି ଅତ୍ୟାଚାର ହର୍ଷଦେବ ଆଉ ବରଦାସ୍ତ କରିପାରିଲେ ନାହିଁ । ଦିନେ ହରଦେବୀଙ୍କୁ ଏକାନ୍ତରେ କହିଲେ, ''ପ୍ରିୟେ, ତୁମେ ମାନବୀ ନା ସ୍ୱର୍ଗର ଦେବୀ ? ତୁମର ବିନା ଦୋଷରେ

ତୁମ ପ୍ରତି ମୋ ମା' ଅସାଧାରଣ ଅସହ୍ୟରୂପେ ଦୁର୍ବ୍ୟବହାର କରୁଅଛି, କଷ୍ଟ ଦେଉଅଛି । କିନ୍ତୁ ତୁମେ ଦିନେ ଗୋଟିଏ ଶବ୍ଦ ଏ ବିଷୟରେ ମୋତେ କହିଲ ନାହିଁ କିଂବା ତୁମ ଚେହେରାରେ ତା'ର ପ୍ରତିକ୍ରିୟାର ପ୍ରଭାବ ଦେଖାଗଲା ନାହିଁ । ମା'ର କ୍ରୂରତା ସୀମା ଲଙ୍ଘି ଗଲାଣି, ମୁଁ ଆଉ ବରଦାସ୍ତ କରିପାରିବି ନାହିଁ । ମା'ଠାରୁ ପୃଥକ୍ ହୋଇଯିବା ଅଥବା ଏ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ରହିବା ।'' ଏକଥା ଶୁଣି ହରଦେବୀ ବିନୀତ, କୋମଳ ଓ ନିଷ୍କପଟ ଭାବରେ ପତିଦେବଙ୍କୁ କହିଲେ, ''ନାଥ, ମୁଁ ଯେତେବେଳେ ହୃଦୟର ଆରାଧ୍ୟ ଦେବ ଭଗବାନଙ୍କ ପୂଜା କରେ, ତୁମର ସେବା କରେ, ସେତେବେଳେ ଏପରି ଆନନ୍ଦ ମୋ ହୃଦୟରେ ଉଚ୍ଛୁଳିପଡ଼େ ଯେ ମା'ର ଦୁର୍ବ୍ୟବହାରରେ ମୋତେ ଟିକିଏ ମାତ୍ର କଷ୍ଟ ହୁଏ ନାହିଁ । ସେହି ଆନନ୍ଦ ସବୁ ସମୟରେ ପୂରି ରହିଥାଏ । ଫେର୍ ବୃଦ୍ଧାବସ୍ଥାରେ ମା'ଙ୍କୁ ପୃଥକ୍ କରିଦେଲେ କିଂବା ଏଠାରୁ ଅନ୍ୟତ୍ର ଚାଲିଗଲେ, ତାଙ୍କ ସେବା କିଏ କରିବ ? ସନ୍ତାନମାନଙ୍କର କର୍ତ୍ତବ୍ୟ ପିତାମାତାଙ୍କ ସେବା କରିବା । ମା' ସନ୍ତାନକୁ ଗର୍ଭରେ ଧାରଣ କରି କେତେ କଷ୍ଟ ସହେ, ବାଲ୍ୟାବସ୍ଥାରେ କେତେ ସେବା କରେ, ମା' ସନ୍ତାନ ପ୍ରତି ଯାହା କରେ ତା' ବିନିମୟରେ ସନ୍ତାନ ତାକୁ କିଛି ଦେଇପାରେ ନାହିଁ । ତେବେ ବୃଦ୍ଧାବସ୍ଥାରେ ସେବା ନ କଲେ ସନ୍ତାନ ମହାନ୍ ପାପରେ ଭାଗୀ ହୁଏ । ମା'କୁ ଭଗବତ୍ ଭାବନାରେ ସେବା କରିବା ଦ୍ୱାରା ସନ୍ତାନ ଯଥାର୍ଥ ସୁଖ ଶାନ୍ତି ପ୍ରାପ୍ତ ହୋଇପାରେ । ଫେର୍ ମା'ଙ୍କ ଦୁର୍ବ୍ୟବହାରକୁ ମୁଁ ଗ୍ରହଣ ନ କରିବାରୁ ମୋତେ କୌଣସି କଷ୍ଟ ହୁଏ ନାହିଁ । ପ୍ରତିକ୍ରିୟା ବିନା ଦୁର୍ବ୍ୟହାରର କୌଣସି ଗୁରୁତ୍ୱ ନାହିଁ । ନାଥ, ଏପରି ବିଚାର ମନରୁ ଦୂର କରିଦିଅ ।'' ପତିଦେବତାଙ୍କୁ ସାନ୍ତ୍ୱନା ଦେଇ ହରଦେବୀ ନିଜ କାର୍ଯ୍ୟରେ ଲାଗିଗଲେ । ଶାଶୂର ଅତ୍ୟାଚାରରେ ହରଦେବୀ ଦୁଃଖିତ ନ ହେଉଥିବାରୁ ତା'ର ରାଗ, ହିଂସା ଆହୁରି ବଢ଼ିବାକୁ ଲାଗିଲା । ପୁଅର ପ୍ରତିବାଦ, ବୋହୂର ବିରୋଧ ନ ଥିବାରୁ ତାହାର ସାହସ ଆହୁରି ବଢ଼ିଚାଲିଲା । ସେ ଦିନେ କଳଙ୍କି ଲାଗିଥିବା ବାସନଗୁଡ଼ାଏ ମାଜିବାକୁ ଦେଲା । ସେଥିରେ ଅଧିକ ସମୟ ଲାଗିଥିବାରୁ ରୋଷେଇରେ ଟିକିଏ ବିଳମ୍ବ ହୋଇଗଲା । ଏଥିପାଇଁ ଶ୍ୟାମଳା ହରଦେବୀଙ୍କ ପିତାମାତାଙ୍କଠାରୁ ଆରମ୍ଭ କରି ଚଉଦପୁରୁଷ ପର୍ଯ୍ୟନ୍ତ ଗାଳିଦେଇ ଶେଷରେ ହରଦେବୀଙ୍କ ହାତ ଧରି ଘରୁ ବାହାର କରିଦେବାକୁ ଉଦ୍ୟତ ହେଲା । ପୁତ୍ର ହର୍ଷଦେବ ଆଉ ସହ୍ୟ କରି ନ ପାରି ଉତ୍ତେଜିତ ହୋଇ କହିଲେ, ''ହରଦେବୀର କେଉଁ ଅପରାଧରେ ତା' ପ୍ରତି ଏତେ ଦୁର୍ବ୍ୟବହାର କରୁଛୁ ଏବଂ ତାକୁ ଘରୁ ବାହାର କରିଦେଉଛୁ ? ଯଦି ଆମ୍ଭମାନଙ୍କ ରହିବା ତୋର ପସନ୍ଦ ନୁହେଁ, ତେବେ ଆମ୍ଭେମାନେ ଯାଉଛୁ, ତୁ ଆନନ୍ଦରେ ରହ ।'' ଏତିକି ଶୁଣିବା ମାତ୍ରେ ଶ୍ୟାମଳା ହୃଦୟରେ ଅଗ୍ନି ଲାଗିଗଲା । ସେ କ୍ରୋଧରେ ଅଜ୍ଞାନ ହୋଇ ପୁଅକୁ ଯାହା ତାହା କହିବାକୁ ଲାଗିଲା । ହର୍ଷଦେବ ରାଗରେ ବାହାରି ଚାଲିଗଲେ । ମା' ବହୁତ ସମୟ ପର୍ଯ୍ୟନ୍ତ ବକ୍‌ବକ୍ କରି ଶାନ୍ତ ହୋଇଗଲା । ହରଦେବୀ ସମସ୍ତ କାର୍ଯ୍ୟ ସମାପ୍ତ କରି ଠାକୁରଙ୍କ ମନ୍ଦିରରେ ପ୍ରବେଶ କଲେ । ସେ ହାତଯୋଡ଼ି ଠାକୁରଙ୍କ ସାମନାରେ ଛିଡ଼ାହୋଇ ପ୍ରାର୍ଥନା କଲେ, ''ହେ ପ୍ରାଣନାଥ, ହେ ଜଗତ୍‌ନାଥ ! ଏହି ଅନାଥା ବାଳିକାର ପ୍ରାର୍ଥନା ଶୁଣ । ପ୍ରଭୁ, ମୁଁ ତୋର ଯଥାର୍ଥ ସ୍ୱରୂପ ଜାଣେ ନାହିଁ, ଏତିକି ଜାଣେ ତୁ ଦୟାମୟ । ତୋର ଆଶ୍ରିତକୁ ତୁ ସଦା ରକ୍ଷାକରୁ । ଦ୍ରୌପଦୀ ରାଜସଭାରେ ଅପମାନିତା ହେବା ସମୟରେ ଡାକିବାମାତ୍ରେ ତୁ ଦୌଡ଼ି ଆସି ରକ୍ଷାକଲୁ । ଉତ୍ତରାର ଗର୍ଭସ୍ଥ ଶିଶୁ ପରୀକ୍ଷିତକୁ ତୋଛଡ଼ା ଆଉ କିଏ ରକ୍ଷା କରନ୍ତା । ତୁ କିପରି କୃପାଳୁ, ଏହା ଭାବିବା ମାତ୍ରେ ହୃଦୟ ଆନନ୍ଦାବେଗରେ ଭରିଉଠେ । ତୋର ସ୍ୱରୂପ, ଐଶ୍ୱର୍ଯ୍ୟ ବଡ଼ ବଡ଼ ଋଷି, ମୁନି, ଦେବତା ଜାଣିପାରନ୍ତି ନାହିଁ, କିନ୍ତୁ ଭକ୍ତ ସଖୁବାଈ ସକାଶେ ତା' ଘରେ ବୋହୂ ହୋଇ ରୋଷେଇ କରି ପରଷିଲୁ, ଶାଶୂ, ଶଶୁର, ପତିଙ୍କର ସେବା କଲୁ; ଧନ ଜାଠ ସଙ୍ଗେ ଗୋରୁ ଚରାଇଲୁ; ବୃନ୍ଦାବନ ଗୋପୀଙ୍କ ପ୍ରେମରେ ବଶ ହୋଇ ଲହୁଣି ଖାଇବାକୁ ତାଙ୍କ ତାଳିରେ ନାଚିଲୁ । ତୋ ମାୟାରେ ସମସ୍ତ ସଂସାର ନାଚେ, ତୁ ଭକ୍ତର ପ୍ରେମରେ ନାଚୁ । ଭକ୍ତ ପାଖରେ ତୋର ମାନ, ସମ୍ମାନ, ଐଶ୍ୱର୍ଯ୍ୟ ସବୁ ଭୁଲିଯାଉ । ଭକ୍ତର ବଶ ହୋଇ ଛାଇ ପରି ତା' ସଙ୍ଗେ ରହୁ । ହେ ପ୍ରଭୁ, ମନୁଷ୍ୟ ଏପରି ଅଜ୍ଞାନ ଯେ ତୋ ପରି ଭକ୍ତବତ୍ସଳ ପ୍ରଭୁକୁ ଛାଡ଼ି ସଂସାରର କ୍ଷଣିକ ସୁଖରେ ଭ୍ରମୁଥାଏ ।

''ନାଥ, ମୋର ଭକ୍ତି ନାହିଁ, ଜ୍ଞାନ ନାହିଁ, ତୋତେ ସେବା କରିବା ଜାଣେ ନାହିଁ । କିନ୍ତୁ ମୁଁ ଏତିକି ଜାଣେ ମୁଁ ତୋର, ତୋ ଛଡ଼ା ମୋର ଅନ୍ୟ ଗତି ନାହିଁ । ତୁ ମୋ ପ୍ରାଣର ନାଥ, ସର୍ବସ୍ୱ । ପ୍ରଭୁ, ତୋ କୃପାରୁ ତୋ ଶରଣରେ

ଏପରି ଆନନ୍ଦ ମିଳେ ଯେ କେବେ କିଛି ତୋତେ ମାଗିବାକୁ ଇଚ୍ଛା ହୁଏ ନାହିଁ । ଆଜି ତୋ ପ୍ରତିନିଧିରୂପେ ପତିଙ୍କ ଉଦ୍‌ବେଗ ଦେଖି ପତି ତଥା ଶାଶୂର ସ୍ୱଭାବ ଏବଂ ଆଚରଣ ଶୁଦ୍ଧ ହେବା ସକାଶେ ପ୍ରାର୍ଥନା କରିବାକୁ ଆସିଥିଲି । କିନ୍ତୁ ବର୍ତ୍ତମାନ ତାହାସବୁ ମନରୁ ଦୂର ହୋଇ କେବଳ ତୋର ଦିବ୍ୟ ବିଗ୍ରହ ଦର୍ଶନର ଇଚ୍ଛା ତୀବ୍ର ହୋଇଉଠିଛି । ପ୍ରଭୁ, ଯେଉଁ ସୁନ୍ଦର ଲାବଣ୍ୟ ରୂପ ଦେଖି କ୍ରୂର, ତାମସିକ ସ୍ୱଭାବ ରାକ୍ଷସମାନେ ମୁଗ୍‌ଧ ହୋଇଯାଆନ୍ତି, ସେହି ସ୍ୱରୂପରେ ଥରେ ଦର୍ଶନ ଦେ, ପ୍ରଭୁ ।''

ଏତିକି କହୁ କହୁ ହରଦେବୀଙ୍କ ଗଳା ରୁଦ୍ଧ ହୋଇଗଲା, ଶବ୍ଦ ବନ୍ଦ ହୋଇଗଲା, ନେତ୍ରରୁ ଅଶ୍ରୁଧାରା ବହିବାକୁ ଲାଗିଲା, ଶରୀରରେ କମ୍ପନ, ରୋମାଞ୍ଚ ସୃଷ୍ଟି ହେଲା, ମୁଖ ବିବର୍ଣ୍ଣ ହୋଇଗଲା । ଭଗବାନ୍ ଭକ୍ତର ବ୍ୟାକୁଳତା ସହିପାରନ୍ତି ନାହିଁ । ପ୍ରହ୍ଲାଦ ସକାଶେ ଖମ୍ବରୁ ବାହାରିବାକୁ ପଡ଼ିଥିଲା; ଭଗବାନ୍ ଦିବ୍ୟ ସ୍ୱରୂପରେ ଠାକୁର ପ୍ରତିମାରୁ ପ୍ରଘଟ ହୋଇ ହରଦେବୀଙ୍କ ମସ୍ତକରେ ହସ୍ତ ରଖିବା ସଙ୍ଗେ ସଙ୍ଗେ ସେ ସଚେତ ହୋଇ ପରମାନନ୍ଦରେ ନିମଗ୍ନ ହୋଇ ପ୍ରଭୁଙ୍କ ଦର୍ଶନରେ ବିଭୋର ହୋଇଗଲେ । ପ୍ରଭୁ ମେଘଗମ୍ଭୀର କୋମଳ ବାଣୀରେ କହିଲେ, ''ହରଦେବୀ, ତୋ ପରି ପତିବ୍ରତା, ଭକ୍ତିପରାୟଣା ଭକ୍ତ ପାଖରେ ମୁଁ ବରାବର ଥାଏ । ତୁ ଯେଉଁ ଦିନରୁ ଏ ଘରକୁ ଆସିଛୁ, ସେହି ଦିନରୁ ତୋ ପତି ତଥା ତୋ ଶାଶୂର ଉଦ୍ଧାର ହୋଇସାରିଛି, ତୁ ଆନନ୍ଦରେ ପତିସେବା କର । ଶରୀରତ୍ୟାଗ ପରେ ଶାଶୂ ଓ ପତି ସହିତ ମୋ ପରମ ଧାମକୁ ଆସିବୁ । ତୋ ଭକ୍ତିର ପ୍ରଭାବରେ ତୋ ଶଶୁରର ଉଦ୍ଧାର ପୂର୍ବରୁ ହୋଇସାରିଛି ।'' ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ହରଦେବୀ ଭଗବତ୍ ଆନନ୍ଦରେ ବିଭୋର ହୋଇ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଚିତ୍ରବତ୍ ଛିଡ଼ା ହୋଇଥାଆନ୍ତି । ନେତ୍ରରୁ ଅଶ୍ରୁଧାର ବହୁଥାଏ । ଏହିପରି ଅବସ୍ଥାରେ କେତେକ ସମୟ ବ୍ୟତୀତ ହେବା ପରେ ବାହ୍ୟଜ୍ଞାନ ପ୍ରାପ୍ତ ହେବାରୁ ହରଦେବୀ ଦେଖିଲେ ଶାଶୂ ତାଙ୍କ ପାଖରେ ଛିଡ଼ାହୋଇ ନେତ୍ରରୁ ଅଶ୍ରୁ ବର୍ଷଣ କରୁଅଛନ୍ତି । ହରଦେବୀ ତାଙ୍କ ଆଡ଼କୁ ଚାହିଁବାମାତ୍ରେ ସେ ହରଦେବୀଙ୍କୁ ହୃଦୟରେ ଲଗେଇ ତାଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ କହି ନିଜ ଦୋଷ ସକାଶେ କ୍ଷମା ଚାହିଁଲେ । କହିଲେ, ''ମୋ ମା, ତୁ ଯଥାର୍ଥରେ ସ୍ୱର୍ଗର ଦେବୀ, ନିଜ ଭକ୍ତି ଗୁଣରେ ମୋ ପରି କର୍କଶା, ଦୁଷ୍ଟା, କଳହପ୍ରିୟା ମୂଢ଼ାକୁ ଉଦ୍ଧାର କରିବାକୁ ତୁ ପୁତ୍ରବଧୂରୂପେ ଆସିଅଛୁ । ମୋ ମା, ତୁ ଦେବୀ, ତୋ ନିଜ ସଦ୍‌ଗୁଣରେ ମୋତେ କ୍ଷମା ଦେ ।'' ଏକଥା ଶୁଣି ଭଗବାନଙ୍କ କୃପାରେ ଶାଶୂର ହଠାତ୍ ମହାନ୍ ପରିବର୍ତ୍ତନ ଦେଖି ସେ ଭଗବାନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ହୋଇ ଲଜ୍ଜାରେ କହିଲେ, ''ମା, ତୁମ୍ଭେ ଏପରି କାହାକୁ କହୁଅଛ । ମୁଁ ତୁମ୍ଭର କନ୍ୟା, ମୋତେ ଏପରି କହି ଲଜ୍ଜା ଦିଅ ନାହିଁ । ତୁମ ଉପରେ ଭଗବାନ୍ କୃପା କଲେ, ମୋର ଏଥିରେ କିଛି ନାହିଁ । ଏହି ସମୟରେ ପୁତ୍ର ଆସି ଶାଶୂ ବୋହୂଙ୍କର ଏପରି ଅବସ୍ଥା ଦେଖି ଆନନ୍ଦମଗ୍ନ ହୋଇଗଲେ । ତିନି ପ୍ରାଣୀ ଆନନ୍ଦରେ ଭଗବାନଙ୍କୁ ଭକ୍ତି କରି ସଂସାରକାର୍ଯ୍ୟ କରି ଯଥାସମୟରେ ନିଜ ନିଜ ଶରୀର ତ୍ୟାଗ କରି ଭଗବତ୍ ପରମଧାମ ପ୍ରାପ୍ତ ହେଲେ ।

ଏହା ପାତିବ୍ରତ୍ୟ ଧର୍ମ ତଥା ଭଗବତ୍ ଭକ୍ତିର ପ୍ରଭାବ ।*

## ଯୋଗରେହିଁ ଜୀବନର ପୂର୍ଣ୍ଣତା

ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ବ୍ୟକ୍ତି ଗୃହସ୍ଥାଶ୍ରମରେ ହେଉ ଅଥବା ଗୃହସ୍ଥାଶ୍ରମତ୍ୟାଗୀ ସନ୍ନ୍ୟାସୀ ହେଉ, ସଂସାରର ଗୋଟିଏ ବ୍ୟକ୍ତିକୁ ବାଦ୍ ନ ଦେଇ ଈଶ୍ୱରବାଦୀ, ଅନୀଶ୍ୱରବାଦୀ, ଚୋର, ସାଧୁ, ପାପୀ, ପୁଣ୍ୟାତ୍ମା, ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ପ୍ରଧାନତଃ ଚାହାନ୍ତି ଦୁଃଖବିହୀନ ପରମ ସୁଖ, ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ତଥା ଅଜ୍ଞାନରୁ ସମ୍ପୂର୍ଣ୍ଣ ମୁକ୍ତ ପରମାନନ୍ଦମୟ ଜୀବନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାରି ପ୍ରାପ୍ତିରେ ଜୀବନର ପୂର୍ଣ୍ଣତା । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ ଅସ୍ପଷ୍ଟରୂପେ ଚାହୁଁଅଛନ୍ତି ତଥା ଭ୍ରାନ୍ତ, ଭ୍ରମାତ୍ମକ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି

* ମହିଳା ରତ୍ନର ଆଧାରରେ ଲିଖିତ ।

କରୁଅଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଅସ୍ପଷ୍ଟରୂପେ ପ୍ରଧାନତଃ ସେହି ଗୋଟିଏ ଚାହିଁବା ହେବାରୁ ତଥା ଭ୍ରାନ୍ତ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ କିନ୍ତୁ ଏହି ଅସ୍ପଷ୍ଟ ଲକ୍ଷ୍ୟ ସ୍ପଷ୍ଟ ହୁଏ, ଭ୍ରାନ୍ତ ମାର୍ଗର ସଂଶୋଧନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ସମସ୍ତ ପ୍ରକାର ଧର୍ମସମ୍ପ୍ରଦାୟ, ଧାର୍ମିକ, ଅଧାର୍ମିକ, ଗୃହସ୍ଥ, ସନ୍ନ୍ୟାସୀ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ । ସମୟ ଆସି ନ ଥିବାରୁ ଏହି ଚାହିଁବା ଅଥବା ଲକ୍ଷ୍ୟ ବ୍ୟକ୍ତିଚେତନାରେ ସ୍ପଷ୍ଟ ହୋଇ ନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ବ୍ୟକ୍ତି ଅତ୍ୟନ୍ତ ଆଗ୍ରହରେ ସ୍ୱଭାବ ଏବଂ ଯୋଗ୍ୟତା ଅନୁସାରେ ସମସ୍ତ ଶକ୍ତି ପ୍ରୟୋଗ କରି ବିଦ୍ୟା, ଧନ, ଐଶ୍ୱର୍ଯ୍ୟ, ସମ୍ମାନ, ଅଧିକାରପ୍ରାପ୍ତି କର୍ମରେ ଶାନ୍ତି ସୁଖ ଆଶା ପୋଷଣ କରୁଅଛି । କିନ୍ତୁ ମୃଗତୃଷ୍ଣାରେ ଜଳର ଧାରଣା କରିବା ସଦୃଶ ଆଶା ନିରାଶାରେ ସର୍ବଥା ପରିଣତ ହେଉଅଛି ।

ଅନ୍ୟ ପକ୍ଷରେ ପୁରାତନ ସମସ୍ତ ଯୋଗ ସଦୃଶ ଏହିସବୁ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଦେଶ ତଥା ସଂସାରର ହେବ ମହାନ୍ ଉନ୍ନତି । କିନ୍ତୁ କର୍ମ କରିବା ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଅର୍ଥାତ୍ ଏହିସବୁ କର୍ମକୁ ଲକ୍ଷ୍ୟ ନ ମାନି ପରମାନନ୍ଦ ସ୍ୱରୂପ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ମାନିବାକୁ ହେବ । ଏବଂ ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଆଚରଣ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ କର୍ମ ଜନ୍ମମରଣର ବନ୍ଧନ ନ ହୋଇ ଲକ୍ଷ୍ୟ ପ୍ରାପ୍ତି କରାଇଦେବ ।

ଆଜିପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ନ ଥିବାରୁ ଆମ୍ଭେମାନେ ଭ୍ରମବଶ ଏହିସବୁ କର୍ମକୁ ଲକ୍ଷ୍ୟ ମାନି ନେଇଅଛୁ । ସେହି କାରଣରୁ ଆମ୍ଭମାନଙ୍କ ଜୀବନ ପୂର୍ଣ୍ଣ ହୋଇପାରୁ ନାହିଁ କିଂବା ଦେଶର ଉନ୍ନତି ହେଉ ନାହିଁ । ବରଂ ଏହିସବୁ କର୍ମ ଆଶ୍ରୟରେ ଅସତ୍ୟ, ଅନ୍ୟାୟ, ଚୋରି, ଦ୍ୱାଚୋରି, ସ୍ୱାର୍ଥ, ହିଂସା ବୃଦ୍ଧି ହେଉଅଛି ଏବଂ ଦରିଦ୍ରତା ମଧ ବଢୁଅଛି ।

ଜୀବନର ଏହି ଲକ୍ଷ୍ୟ ଜାଣିବା ତଥା ପ୍ରାପ୍ତ ହେବାର ସମୟ ଆସିଯାଇଅଛି । ସେହି ସକାଶେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀକୁ ଆସି ସ୍ୱୟଂ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି । ଆମ୍ଭେମାନେ ସେହି ଆଦର୍ଶ ଗ୍ରହଣ କଲେ ଜୀବନର ଲକ୍ଷ୍ୟ ସ୍ପଷ୍ଟଭାବେ ବୁଝିପାରିବା ଏବଂ ଏହି ସାଂସାରିକ ସମସ୍ତ କର୍ମକୁ ଲକ୍ଷ୍ୟ ନ ମାନି ସେହି ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ ଆଚରଣ କରିବା । ଏହି ପ୍ରଣାଳୀରେ କର୍ମ କଲେ ଆମ୍ଭେମାନେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ମିଥ୍ୟାଚାର, ଦରିଦ୍ରତା, ଅଜ୍ଞାନ କବଳରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରିବା । ଏହି ଯାତ୍ରାର ଅନୁପାତରେ ଆମ୍ଭମାନଙ୍କ ଅନ୍ତରରେ କ୍ରମଶଃ ପରମ ଶାନ୍ତି, ପରମାନନ୍ଦ, ପରମଜ୍ଞାନ ବୃଦ୍ଧି ହେବାକୁ ଲାଗିବ । ଏହିସବୁର ବିକାଶରେ ଜୀବନର ହେବ ପୂର୍ଣ୍ଣତା ।

କ୍ରମବିକାଶ ପ୍ରଣାଳୀ ଅନୁସାରେ ଜଡ଼ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା ପଶୁପକ୍ଷୀ ଅବସ୍ଥାକୁ ଅତିକ୍ରମ କରି ମନୁଷ୍ୟରେ ଉପନୀତ ହୋଇଅଛି । ମନୁଷ୍ୟ ମନର ବିକାଶ ଶେଷ ସୀମାରେ ପହଞ୍ଚିଅଛି । କ୍ରମବିକାଶ ମନ ସ୍ତରକୁ ଅତିକ୍ରମ କରି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତରରେ ପଦାର୍ପଣ କରିବାର ସମୟ ଆସିଯାଇଛି । ଜଡ଼ରୁ ମନଃଚେତନା ସ୍ତର ପର୍ଯ୍ୟନ୍ତ ଅଜ୍ଞାନ । ତା'ର ଧର୍ମ ସୁଖ, ଦୁଃଖ, କଷ୍ଟ, ସ୍ୱାର୍ଥ, ହିଂସା, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ । ଏହାପରେ ହେଉଛି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତର । ତା'ର ଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ । ସେଠାରେ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖକଷ୍ଟର ସର୍ବଥା ଅଭାବ । ଅଜ୍ଞାନ ଏବଂ ବିଜ୍ଞାନ ଏହି ଦୁଇ ସ୍ତରକୁ ଉପନିଷଦରେ କୁହାହୋଇଛି ଅପରାର୍ଦ୍ଧ ତଥା ପରାର୍ଦ୍ଧ । ଏହି ଉଭୟ ସ୍ତରମଧରେ ରହିଛି ଅକଳ୍ପନୀୟ ବ୍ୟବଧାନ । ମନୁଷ୍ୟର ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ଯଦି ଏହି ବ୍ୟବଧାନ ଦୂର ହୋଇ ପରାର୍ଦ୍ଧର ବିଜ୍ଞାନ ଏବଂ ଆନନ୍ଦ ଅପରାର୍ଦ୍ଧ ଚେତନା ସ୍ତରରେ ପ୍ରକାଶ ପାଏ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟତ୍ୱରେ ରୂପାନ୍ତରିତ ହେଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ପୂର୍ଣ୍ଣବିକାଶ ସକାଶେ ଆବଶ୍ୟକ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଙ୍କଳ୍ପ । କିନ୍ତୁ ପ୍ରକୃତି କ୍ରମବିକାଶ ପ୍ରଣାଳୀରେ ମାନସ ଏବଂ ଅତିମାନସ ବିଜ୍ଞାନ ଆନନ୍ଦ ଚେତନାସ୍ତର ମଧ୍ୟରେ ଥିବା ବ୍ୟବଧାନରେ ସେତୁ ହୋଇ ମନୁଷ୍ୟଜୀବନର ପୂର୍ଣ୍ଣତା, ଭଗବାନଙ୍କ ସଙ୍କଳ୍ପ ପୂର୍ଣ୍ଣ କରିବାରେ ଅସମର୍ଥ । ଅତଏବ ଏହି

କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଙ୍କଳ୍ପରେ 'ଶ୍ରୀମା ଶ୍ରୀଅରବିନ୍ଦ' ଏହି ପୃଥିବୀପୃଷ୍ଠରେ ଅତିମାନସ ବିଜ୍ଞାନ ଚେତନାକୁ ଅବତରଣ କରାଇଅଛନ୍ତି । ବ୍ୟକ୍ତି 'ଶ୍ରୀମା ଶ୍ରୀଅରବିନ୍ଦ'ଙ୍କ ଆଚରିତ ଆଦର୍ଶକୁ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର କ୍ରମଶଃ ମନ ପ୍ରାଣ ଶରୀର ଦିବ୍ୟତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନତାରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହେବ । ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସଙ୍ଗେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦରିଦ୍ରତା ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରିସାରିଛି । ଯେଉଁମାନେ ଜ୍ଞାତରେ ବା ଅଜ୍ଞାତରେ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି, ସେମାନଙ୍କ ମଧ୍ୟରେ ତଥା ସଂସାର ବାତାବରଣରେ ସେହି ଶକ୍ତି କ୍ରିୟା କରୁଅଛି । ଯେଉଁମାନେ ସଚେତ ଅଛନ୍ତି, ସେମାନେ ସେହି ରୂପାନ୍ତରକୁ ବୁଝିପାରୁ ଅଛନ୍ତି । ମାନସବିକାଶ ଶେଷ ହେବାରୁ ବ୍ୟକ୍ତି ପରିବାର, ସମାଜ, ଶାସନ, ପରିଚାଳିତ ହେଉଥିବା ନୈତିକତା ଅର୍ଥାତ୍ ନୀତିନିୟମ ବ୍ୟବସ୍ଥାସବୁ ଭାଙ୍ଗି ଚୂରମାର ହୋଇ ଯାଇଅଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଛାତ୍ରସମାଜ ତଥା ରାଜନୀତିରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା, ସ୍ୱାର୍ଥ ସ୍ପଷ୍ଟଭାବେ କ୍ରିୟାଶୀଳ ହୋଇଅଛି । ଆମ୍ଭେମାନେ ଉପସ୍ଥିତ ଅଛୁ ଆଗମନୀ ଅତିମାନସ ବିଜ୍ଞାନ ଯୁଗ ଓ ସମାପ୍ତପ୍ରାପ୍ତ ଅଜ୍ଞାନଶୀଳ ମାନସଯୁଗର ମଧ୍ୟ ଅବସ୍ଥାରେ । ଆମ୍ଭେ ଆଗମନୀ ସତ୍ୟକୁ ଗ୍ରହଣ କଲେ ଭବିଷ୍ୟତ ଯୁଗର ଅତିମାନବଜାତିର ଅଗ୍ରଦୂତ ହୋଇପାରିବା ଅଥବା ପୁରାତନ ଅଜ୍ଞାନ-ଆଶ୍ରିତ ସ୍ୱଭାବ, ବିଧିବିଧାନ ଏବଂ ଗତାନୁଗତିକ ସ୍ୱାର୍ଥପୂର୍ଣ୍ଣ କର୍ମକୁ ଜାବୁଡ଼ି ଧରି ରହିଲେ ରସାତଳକୁ ଯିବା । ସେହି ସକାଶେ ଶ୍ରୀମା କହିଛନ୍ତି,– ''ମନୁଷ୍ୟ, ଦେଶ, ମହାଦେଶ ସକଳ ! ବାଛିନିଅ – ସତ୍ୟ ଅଥବା ରସାତଳ ।''

ଯେଉଁ ସତ୍ୟକୁ ବାଛିନେବା ସକାଶେ ଶ୍ରୀମା କହିଛନ୍ତି, ସେହି ଅତିମାନସ ସତ୍ୟକୁ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରାଇଅଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ଆମ୍ଭେମାନେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇ ପାରିଲେ ଅର୍ଥାତ୍ ତାଙ୍କ ପ୍ରତି ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରିପାରିଲେ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା ଏବଂ ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ମନ-ପ୍ରାଣ-ଶରୀର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇପାରିବା । ଆମେ ପରିଚାଳିତ ହେବା ଭାଗବତ ଶକ୍ତି ଦ୍ୱାରା, ନିବାସ କରିବା ପରମାନନ୍ଦ, ପରମ ଜ୍ଞାନରେ । ଏହାର ସହଜ ସାଧନା ହେଲା ନିଜ ନିଜର ଘର ପରିବାର ସମ୍ପତ୍ତିସବୁକୁ ମା'ଙ୍କର ମାନି ମା'ଙ୍କ ସେବାରୂପେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ଏଥିରେ ଅଧିକ ସାହାଯ୍ୟ କରେ 'ମା' ଏହି ନାମ ସ୍ମରଣ । ଆମ୍ଭେମାନେ ଏହି ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରିବା ସଙ୍ଗେ ସଙ୍ଗେ କ୍ରମଶଃ ଆମ୍ଭମାନଙ୍କର ସୁପ୍ତ ଜ୍ଞାନ, ବିବେକ, ଭକ୍ତି, ବିଶ୍ୱାସ, କାର୍ଯ୍ୟକାରୀ ଶକ୍ତି ଜାଗ୍ରତ ହେବ; ବୁଦ୍ଧି ଶୁଦ୍ଧ ଏବଂ ବିକଶିତ ହେବ । ଆମ୍ଭେମାନେ ଗୂଢ଼ ବିଷୟ ବୁଝିପାରିବା, ଜଟିଳ ସମସ୍ୟା ସମାଧାନ କରିପାରିବା । ବିଦ୍ୟାଶିକ୍ଷା, ଗୃହକାର୍ଯ୍ୟ, କୃଷି, ବାଣିଜ୍ୟ, ଦେଶସେବା, ଶାସନ ବିଭାଗାଦି ସମସ୍ତ କ୍ଷେତ୍ରରେ ଉନ୍ନତି କରିପାରିବା ।

ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଠକାମି, କର୍ମରେ ଫାଙ୍କିଦେବା ଦୁର୍ଗୁଣ ଦୂର ହେବ । ଲାଞ୍ଚନେବା ବନ୍ଦ ହେବ । ଦେଶର ଉନ୍ନତିମୂଳକ କାର୍ଯ୍ୟ ଉତ୍ତମରୂପେ ହୋଇପାରିବ । ଦେଶ ଏବଂ ସଂସାରର ଉନ୍ନତି ସକାଶେ ସୃଷ୍ଟି ଆରମ୍ଭରୁ ଯେଉଁସବୁ ପ୍ରଯତ୍ନ ହୋଇ ବ୍ୟର୍ଥରେ ପରିଣତ ହୋଇଥିଲା, ସେସବୁ ନିଃସନ୍ଦେହରୂପେ ସଫଳ ହୋଇ ପାରିବ । ଆମ୍ଭମାନଙ୍କ ଲକ୍ଷ୍ୟସିଦ୍ଧିରେ ପୃଥିବୀରେ ପ୍ରତିଷ୍ଠା ହେବ ଦିବ୍ୟମାନବ, ସଂସାର ପରିଣତ ହେବ ସ୍ୱର୍ଗରେ ।